## ଜହ୍ନରାତି ପୁସ୍ତକ ଉନ୍ମୋଚିତ

ବାଲିଅନ୍ତା,(ଡି.ଏନ.ଏ.): ଜୟଦେବ ପୀଠ ନିକଟ ଜୟଦେବ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ଏକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଜହ୍ନରାତି ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ସଭାରେ ସରପଞ୍ଚ ପ୍ରଜ୍ଞାପାରମିତା ଜେନାମଣି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ଲେଖକ ଆଦିକନ୍ଦ ସାହୁ, ପ୍ରଦୀପ୍ତ ବେଉରିଆ, ଅରୁଣ ସାହୁ, ଚିନ୍ମୟୀ ଷଡ଼ଙ୍ଗୀ, ଭଗବାନ ସାହି, ମମତା ଦାଶ, ଇପ୍ସିତା ଷଡ଼ଙ୍ଗୀ ଓ ଦୁର୍ଗା ଷଡ଼ଙ୍ଗୀଙ୍କ ସମେତ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ। ଲେଖାଲେଖି ପ୍ରକାଶନୀ ପକ୍ଷରୁ କବିତା ପୁସ୍ତକ 'ଜହ୍ନରାତି' ଉନ୍ମୋଚିତ ହୋଇଥିଲା। କବି ପାପାନି ପରିଚାଳନା କରିଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଅଲ୍ ଇଣ୍ଡିଆ କିଷାନ ସଂଘର୍ଷ କୋଅର୍ଡିନେଶନ କମିଟି ପକ୍ଷରୁ ବାଇକ୍ ଶୋଭାଯାତ୍ରା, ହାଇଟେକ୍ ଛକ, ପୂର୍ବାହ୍ନ ୧୧ଟା ୩୦।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ଅପରାହ୍ନ ୨ଟା।
- ପୂର୍ବ ରଙ୍ଗ ଜାତୀୟ ନାଟ୍ୟ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

## ସଂକ୍ଷେପରେ

### ବନ୍ଧୁକ ଦେଖାଇ ନେଇଗଲେ ୪୨ ହଜାର

**ଖୁଣ୍ଟୁଣୀ,୧।୩(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନାଠାରୁ ମାତ୍ର ୨ ଶହ ମିଟର ଦୂର ଜାତୀୟ ରାଜପଥରେ ସୋମବାର ଏକ ପିକଅପ ଭ୍ୟାନରୁ କେତେଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ୪୨ ହଜାର ଟଙ୍କା ଲୁଟି ନେଇଛନ୍ତି। ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୨୯/୨୧) ରୁଜୁ କରି ଲୁଟେରାଙ୍କୁ ଧରିବାକୁ ଚଢ଼ାଉ ଜାରି ରଖିଛି। ସୂଚନାଯୋଗ୍ୟ, ଜଗତ୍‌ସିଂହପୁର ରାହମାରୁ ଓଡି ୨୧-୨୭୪୦ ନଂ. ବିଶିଷ୍ଟ ପିକଅପ ଭ୍ୟାନ ଢେଙ୍କାନାଳ ପଣ୍ଡୁଆ ବଜାରକୁ ତରଭୁଜ ପାଇଁ ଯାଉଥିଲା। ଏକ ପଲସର ଓ ଏକ ଆପାଚି ବାଇକରେ ପିଛା କରୁଥିବା ୩ଜଣ ଯୁବକ ଖୁଣ୍ଟୁଣୀ ଥାନା ନିକଟ ରାଜପଥ ଉପରେ ପିକଅପ ଆଗରେ ଗାଡ଼ି ରଖି ଅଟକାଇ ଥିଲେ। ପାନଛିପ ପଡିଲା କହି ଜଣେ ଯୁବକ ପିକଅପ ଚାଳକ ମୁଣ୍ଡରେ ଏକ ବନ୍ଧୁକ ଲଗାଇବା ସହ ପାଖରେ ବସିଥିବା ଉମେଶ ମହାନ୍ତିଙ୍କଠାରୁ ଟଙ୍କା ବ୍ୟାଗ ଝାମ୍ପି ନେଇ ପଳାଇଥିଲେ।

### ୩ ବର୍ଷର ଶିଶୁକନ୍ୟାଙ୍କୁ ଛୁରାମାଡ଼, ଯୁବକ ଗିରଫ

**ଭୁବନେଶ୍ୱର,୧।୩(ବ୍ୟୁରୋ):** ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଦ୍ମକେଶରୀପୁର ଅଞ୍ଚଳରେ ଘରୋଇ କଳିକୁ କେନ୍ଦ୍ରକରି ଜଣେ ୩ବର୍ଷର ଶିଶୁକନ୍ୟାଙ୍କୁ ଛୁରାମାଡ଼ ହୋଇଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ପଡୋଶୀ ଯୁବକ ଦୀପୁ ଦାସ (୩୦)ଙ୍କୁ ଗିରଫ କରିଛି। ଦୀପୁ ନିଜ ସ୍ତ୍ରୀଙ୍କ ସହ ଝଗଡା କରି ଏକୁଟିଆ ରହୁଥିଲେ। ଏଥିସହ ତାଙ୍କର ଜଣେ ପଡୋଶୀ ମହିଳାଙ୍କ ସହ ପୂର୍ବରୁ ବିବାଦ ଲାଗି ରହିଥିଲା। ଗତ ୨୮ ତାରିଖ ସକାଳ ୯ଟାରେ ଉକ୍ତ ପଡୋଶୀ ମହିଳାଙ୍କ ସହ ଝଗଡା ହୋଇଥିଲା। ଦୀପୁ ଖରାପ ଭାଷାରେ ଗାଳି ଦେବାସହ ଜୀବନରେ ମାରିଦେବାକୁ ଧମକ ଦେବା ପରେ ଉଭୟଙ୍କ ମଧ୍ୟରେ ବଚସା ବଢ଼ିଯାଇଥିଲା। ଏହି ସମୟରେ ନିକଟରେ ଖେଳୁଥିବା ମହିଳାଙ୍କ ଶିଶୁକନ୍ୟାଙ୍କ ଜଙ୍ଘରେ ଦୀପୁ ଛୁରି ଭୁସି ପଳାଇଥିଲେ। ପରେ ମହିଳାଜଣକ ଆହତ ଶିଶୁକନ୍ୟାଙ୍କୁ ମେଡିକାଲରେ ଭର୍ତ୍ତି କରିବା ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୭୨/୨୧ରେ ମାମଲା ରୁଜୁ କରି ଅଭିଯୁକ୍ତ ଦୀପୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଘର ତାଲା ଭାଙ୍ଗି ଚୋରି

**ବାଲିପାଟଣା,୧।୩(ଡି.ଏନ୍.ଏ.):** ଧାନହରା ବଜାର ସ୍ଥିତ ଶାନ୍ତିଲତା ଦାସଙ୍କ କବାଟ ଭାଙ୍ଗି କେହି ଦୁର୍ବୃତ୍ତ ୨୦ହଜାର ଟଙ୍କା ଓ ପିତ୍ତଳ ବାସନ ନେଇଯାଇଥିବା ବାଲିପାଟଣା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା (ନଂ.୪୮/୨୧)ରୁଜୁକରି ତଦନ୍ତ ଚଳାଇଛି। ଶାନ୍ତିଲତା ଏକ ସପ୍ତାହ ପୂର୍ବେ ତାଙ୍କ ଭାଉଜଙ୍କ ଘରକୁ କୌଣସି କାମରେ ଯାଇଥିଲେ। ସୋମବାର ସକାଳୁ ଆସି ଦେଖିଲା ବେଳକୁ ତାଙ୍କ ଘର କବାଟ ଭଙ୍ଗାଯାଇ ଚୋରି ହୋଇଯାଇଥିବା ଦେଖିବାକୁ ପାଇଥିଲେ।

### ସିଫାରେ ବିଜ୍ଞାନ ଦିବସ

**ବାଲକାଟୀ,୧।୩(ଡି.ଏନ୍.ଏ.):** ସିଫାଠାରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୈଜ୍ଞାନିକ ଡ. ମନୋରଞ୍ଜନ ରଞ୍ଜିତ ଯୋଗଦେଇ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ଓ ଜୀବ ବିଜ୍ଞାନର ଛାତ୍ରୀ ଏବଂ ସ୍ଥାନୀୟ ମହାତ୍ମା ଗାନ୍ଧୀ ସ୍ମୃତି ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ସିଫା ନିର୍ଦ୍ଦେଶକ ଡ. ସରୋଜ କୁମାର ସ୍ୱାଇଁ ଛାତ୍ରୀଛାତ୍ରଙ୍କୁ ମତ୍ସ୍ୟ ବିଜ୍ଞାନ ସମ୍ବନ୍ଧରେ ବୁଝାଇଥିଲେ। ପରେ ଛାତ୍ରୀଛାତ୍ର ବିଭିନ୍ନ ଗବେଷଣାତ୍ମକ କାର୍ଯ୍ୟକ୍ଷେତ୍ର ଓ ବିଜ୍ଞାନଗାରକୁ ବୁଲି ଦେଖିଥିଲେ। ପ୍ରାରମ୍ଭରେ ବୈଜ୍ଞାନିକ ଡ.ଚନ୍ଦ୍ରକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ବୈଷୟିକ ଅଧିକାରୀ ଦୁର୍ଗାପ୍ରସାଦ ରଥ ଧନ୍ୟବାଦ ଦେଇଥିଲେ। ବରିଷ୍ଠ ବୈଷୟିକ ଅଧିକାରୀ ଶିଶିର ମହାନ୍ତି ଓ ଜୟନ୍ତ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶିବରାତ୍ରିରେ ଲିଙ୍ଗରାଜଙ୍କୁ ଦର୍ଶନ କରିବେ ଭକ୍ତ

ଭୁବନେଶ୍ୱର,୧।୩(ବ୍ୟୁରୋ)



- କେବଳ ଆଡ଼କାଠ ପର୍ଯ୍ୟନ୍ତ ଯାଇ ଦେଖିବେ
- ୧୨ରୁ କମ୍ ଓ ୬୦ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ପ୍ରବେଶ ମନା

ମହାଶିବରାତ୍ରିରେ ଶ୍ରୀଲିଙ୍ଗରାଜ ମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ ଭକ୍ତ। ଏ ନେଇ ସୋମବାର ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଏହି ସୂଚନା ଦେଇଛନ୍ତି। ବୈଠକରେ ଲିଙ୍ଗରାଜ ଦେବଙ୍କ ବିଭିନ୍ନ ସେବାୟତ ଓ ନିଯୋଗ ବୃନ୍ଦ, ବିଏମ୍‌ସିର ପଦାଧିକାରୀ ଓ ଜିଲା ପ୍ରଶାସନ ଅଧିକାରୀମାନେ ଯୋଗଦେଇ ଜାଗର ଯାତ୍ରାର ପ୍ରସ୍ତୁତି, ମନ୍ଦିରକୁ ଭକ୍ତଙ୍କ ଯିବାର ଅନୁମତି ପ୍ରକ୍ରିୟା ନେଇ ଆଲୋଚନା ହୋଇଛି। କୋଭିଡ ନିୟମ ମାନି ଭକ୍ତମାନେ ମନ୍ଦିର ଭିତରକୁ ଯିବେ। ସେହିଭଳି କେବଳ ଆଡ଼କାଠ ପର୍ଯ୍ୟନ୍ତ ଯାଇ ଭକ୍ତମାନେ ଠାକୁରଙ୍କୁ ଦେଖିପାରିବେ। ଅନ୍ୟପଟେ ୧୨ ବର୍ଷରୁ କମ୍ ଓ ୬୦ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନଙ୍କୁ ମନ୍ଦିର ପ୍ରବେଶକୁ ବାରଣ କରାଯାଇଛି। ଏପରିକି ଏହି ନିୟମ ସେବାୟତଙ୍କ ପରିବାର ସଦସ୍ୟମାନଙ୍କ ପାଇଁ ମଧ୍ୟ ଲାଗୁ ରହିବ। କିନ୍ତୁ ସେବାୟତ ଭାବେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ପାଇଁ ଏହି ବୟସସୀମା ଲାଗୁ ହେବ ନାହିଁ।

କୋଭିଡ୍ ନିୟମକୁ କଡ଼ାକଡ଼ି କରିବା ପାଇଁ ବାହାରୁ ସାମାଜିକ ଦୂରତ୍ୱ ରକ୍ଷା କରି ଏକାଥରକେ ନିର୍ଦ୍ଦିଷ୍ଟ ସଂଖ୍ୟାର ଭକ୍ତଙ୍କୁ ପ୍ରବେଶ ପାଇଁ ବ୍ୟବସ୍ଥା କରାଯିବ। ଯିବା ପୂର୍ବରୁ ବାହାରେ ସ୍କ୍ରିନିଂ କରାଯିବା ସହ ସନ୍ଦେହ ହେଲେ ଟେଷ୍ଟିଂ କରାଯିବ। ଏଥିପାଇଁ ମନ୍ଦିର ନିକଟରେ ବିଏମ୍‌ସି ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨ଟି ସ୍ୱତନ୍ତ୍ର କ୍ୟାମ୍ପ କରାଯିବ। ସନ୍ଦିଗ୍ଧ ଭକ୍ତଙ୍କ ଆଣ୍ଟିଜେନ ପରୀକ୍ଷା କରାଯିବ। ପଜିଟିଭ ଚିହ୍ନଟ ହେଲେ ମନ୍ଦିରକୁ ଛଡ଼ା ନ ଯାଇ ଅବସ୍ଥା ଅନୁସାରେ ପଦକ୍ଷେପ ନିଆଯିବ। ଅତ୍ୟଧିକ ଜନଗହଳି ଏବଂ ନିୟମର ଉଲ୍ଲଂଘନ କଲେ ନାଗରିକଙ୍କ ପ୍ରତି ଆବଶ୍ୟକ ପଦକ୍ଷେପ ନିଆଯିବ। ବଡୁନିଯୋଗ, ବ୍ରାହ୍ମଣ ନିଯୋଗ, ପୂଜା ପଣ୍ଡା ନିଯୋଗ ଏବଂ ସାମର୍ଥା ନିଯୋଗ ତଥା ଅନ୍ୟାନ୍ୟ ସେବାୟତଙ୍କ ତରଫରୁ ସହଯୋଗ ପାଇଁ କୁହାଯାଇଛି। ବୈଠକରେ ବଡୁନିଯୋଗର କମଳାକାନ୍ତ ବଡୁ, ସାମର୍ଥା ନିଯୋଗର ରାଜେନ୍ଦ୍ର ସାମର୍ଥା ଏବଂ ବ୍ରାହ୍ମଣ ନିଯୋଗର ବିରଞ୍ଚି ପତି ଏବଂ ପୂଜା ପଣ୍ଡା ନିଯୋଗର ଶଶିକାନ୍ତ ପୂଜା ପଣ୍ଡା ପ୍ରମୁଖ ଶୃଙ୍ଖଳାଗତ ଜାଗରଯାତ୍ରା କରିବା ପାଇଁ ଚେଷ୍ଟା ଜାରି ରହିବ ବୋଲି କହିଛନ୍ତି। ଅତିରିକ୍ତ କମିଶନର ବିଏମ୍‌ସି ଅବନିକାନ୍ତ ପଟ୍ଟନାୟକ, ଅତିରିକ୍ତ ଜିଲାପାଳ ଭୁବନେଶ୍ୱର ପ୍ରଫୁଲ୍ଲ ସ୍ୱାଇଁ, ଉପଜିଲାପାଳ ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟି କମିଶନର କମଳଜିତ ଦାସ ବୈଠକ ସଂଯୋଜନା କରିଥିଲେ।

## ଜାଗର ପାଳନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

**ପୁରୁଣା ଭୁବନେଶ୍ୱର,୧।୩(ଡି.ଏନ୍.ଏ.):** ଆସନ୍ତା ୧୧ତାରିଖରେ ମହାଶିବରାତ୍ରି ତଥା ଜାଗର ଯାତ୍ରା। ଏକାମ୍ର କ୍ଷେତ୍ରର ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଜାଗର ଯାତ୍ରା ପାଳନ ପାଇଁ ଅନୁମତି ଦେବାକୁ ସୋମବାର ଶ୍ରୀଲିଙ୍ଗରାଜ ସେନା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଚିଠି ପଠାଯାଇଛି। ଏଥିସହ ସେନା ପକ୍ଷରୁ ଏହି ଚିଠିର ନକଲ ବିଏମ୍‌ସି କମିଶନରଙ୍କୁ ପ୍ରଦାନ କରାଯାଇଛି। କୋଭିଡ୍ ଗାଇଡ୍‌ଲାଇନ ମୁତାବକ ଭକ୍ତମାନେ ସାମାଜିକ ଦୂରତ୍ୱ, ମାସ୍କ ପରିଧାନ ସହ ଶୃଙ୍ଖଳାରେ ଦୀପଦାନ କରିବେ ବୋଲି ଉକ୍ତ ଚିଠିରେ ଦର୍ଶାଯାଇଛି। ପ୍ରକାଶ ଯେ, ରାଜ୍ୟରେ ପୁଣି କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଜାଗର ଯାତ୍ରା ପାଳନ ନେଇ ଆଶଙ୍କା ଦେଖାଯାଇଛି।

# ଆରମ୍ଭ ହେଲା ଜାତୀୟ ନାଟ୍ୟ ଉତ୍ସବ 'ପୂର୍ବରଙ୍ଗ'

ଭୁବନେଶ୍ୱର,୧।୩ (ବ୍ୟୁରୋ)

### ପ୍ରଥମ ସନ୍ଧ୍ୟାରେ ପରିବେଷିତ ହେଲା ନାଟକ 'ସୀତା'



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର କୋଲକାତା ପକ୍ଷରୁ ସୋମବାର ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଛି ଜାତୀୟ ନାଟ୍ୟ ଉତ୍ସବ 'ପୂର୍ବରଙ୍ଗ'। ପ୍ରଥମ ସନ୍ଧ୍ୟାରେ ପରିବେଷିତ ହୋଇଥିଲା ଓଡ଼ିଆ ନାଟକ 'ସୀତା'। ରାଜା ପୁଅ, ମନ୍ତ୍ରୀ ପୁଅ, କଟୁଆଳ ପୁଅ ଏବଂ ବଢେଇ ପୁଅ ଚାରିଜଣ ଗୁରୁକୁଳରେ ଶିକ୍ଷା ସମାପ୍ତ ପରେ ଚାଲି ଚାଲି ଘରକୁ ଫେରୁଥିଲେ। ବାଟରେ ଅନ୍ଧାର ହୋଇଯିବାରୁ ଏକ ଜଙ୍ଗଲ ମଧ୍ୟରେ ରାତି କାଟନ୍ତି। ଭୂତ, ପ୍ରେତ, ପିଶାଚ ଦାଉରୁ ରକ୍ଷା ପାଇବା ପାଇଁ ଜଣେ ଜାଗ୍ରତ ରହୁଥିବାବେଳେ ଅନ୍ୟ ତିନିଜଣ ବିଶ୍ରାମ କରନ୍ତି। ପ୍ରଥମ ପ୍ରହରର ପାଳି ବଢେଇ ପୁଅର ପଡିଲା। ଏହି ସମୟରେ ଜଣେ ଅପଦେବତା ବଢେଇପୁଅକୁ ଖଣ୍ଡେ କାଠଗଣ୍ଡି ଦେଇ ନିଜ ଇଚ୍ଛା ମୁତାବକ ମୂର୍ତ୍ତି ତିଆରି କରିବାକୁ ପରାମର୍ଶ ଦିଅନ୍ତି। ନିଜ ବିଦ୍ୟା ବୁଦ୍ଧିର ପ୍ରୟୋଗ କରି ବଢେଇ ପୁଅ କାଠ ଗଣ୍ଡିରୁ ଏକ ଅନିନ୍ଦ୍ୟ ସୁନ୍ଦରୀ ନାରୀ ମୂର୍ତ୍ତିଟିଏ ତିଆରି କରନ୍ତି। ଦ୍ୱିତୀୟ ପ୍ରହରରେ କଟୁଆଳ ପୁଅ ଅପଦେବତା କଥାରେ ରାଜି ହୋଇ ସେହି ନାରୀ ମୂର୍ତ୍ତିଟିକୁ ବସ୍ତ୍ର ଅଳଙ୍କାରରେ ଭୂଷିତ କରନ୍ତି। ତୃତୀୟ ପ୍ରହରରେ ମନ୍ତ୍ରୀପୁଅ ସେହି ଜଡ ଶରୀରରେ ଜୀବନ ଭରିଦିଅନ୍ତି। ମାତ୍ର ଜୀବନ ପାଇବା ପରେ ମଧ୍ୟ ନାରୀଟି ଚାଲିପାରେ ନାହିଁ କିମ୍ବା କଥା କହିପାରେ ନାହିଁ। ଶେଷ ପ୍ରହରରେ ରାଜା ପୁଅ ଏଭଳି ଅନିନ୍ଦ୍ୟ ସୁନ୍ଦରିଙ୍କୁ ଦେଖି ସ୍ପର୍ଶ କରିଦିଅନ୍ତି। ତତ୍‌କ୍ଷଣାତ୍ ନାରୀଟି ନାଚି ଉଠେ ଓ ଗୀତ ଗାଇବାକୁ ଲାଗେ। ସକାଳ ହେବା ମାତ୍ରେ ଉକ୍ତ ସୁନ୍ଦରୀ ନାରୀଙ୍କୁ ନିଜର କରିବା ପାଇଁ ଚାରିବନ୍ଧୁଙ୍କ ମଧ୍ୟରେ କଳହ ସୃଷ୍ଟି ହୁଏ। ଏତିକିବେଳେ ସେହି ନାରୀ ନିଜକୁ ସୀତା ସହ ତୁଳନା କରି ଚାରିବନ୍ଧୁଙ୍କ ସହ ଯିବାକୁ ରାଜି ହୋଇଯାଏ। ମାତ୍ର କାହାର ନାରୀ ଉପରେ ଅଧିକାର ରହିବ ତାହାର ସମାଧାନ ପାଇଁ ଚାରିବନ୍ଧୁ ନିକଟ ରାଜ୍ୟର ରାଜାଙ୍କ ପାଖକୁ ଯାଆନ୍ତି। ସେଠାରେ ରାଜା ଚାରିବନ୍ଧୁଙ୍କୁ ବନ୍ଦୀ କରିବା ସହ ସୁନ୍ଦରୀ ନାରୀକୁ ପାଇବା ପାଇଁ ଚେଷ୍ଟା କରନ୍ତି। ଏହି ସମୟରେ ନାରୀଟି ହଠାତ୍ କାଠଗଣ୍ଡିରେ ପରିଣତ ହୋଇଯାଏ ଓ ଚାରିବନ୍ଧୁଙ୍କ ସ୍ୱପ୍ନ ଅଧୁରା ରହିଯାଏ। ନାଟକର ରଚନା ରତିରଞ୍ଜନ ମିଶ୍ର ଓ ନିର୍ଦ୍ଦେଶନା ଅଭିନ୍ନ ରାଉତରାୟ ଦେଇଥିବାବେଳେ ଭୁବନେଶ୍ୱରର ଜୀବନରେଖା ଥିଏଟର ଗ୍ରୁପ୍‌ର କଳାକାରମାନେ ପରିବେଷଣ କରିଥିଲେ। ଓଡ଼ିଶା ନାଟ୍ୟ ସଂଘ ସହଯୋଗରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଭାପତି ରାମକୃଷ୍ଣ ସାହୁ, ସଚିବ ପ୍ରବୋଧ ରଥ, ସମ୍ପାଦକ ଲାଲା ବୀରେନ୍ ରାୟ, ନାଟ୍ୟ ବ୍ୟକ୍ତିତ୍ୱ ପ୍ରସନ୍ନ ମିଶ୍ର, ହରେନ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## 'ଐତିହ୍ୟକୁ ଧ୍ୱଂସ କରି ଐତିହ୍ୟ ରକ୍ଷା କିପରି'

**ପୁରୁଣା ଭୁବନେଶ୍ୱର,୧।୩(ଡି.ଏନ୍.ଏ.):** ଏକାମ୍ର କ୍ଷେତ୍ରରେ ରାଜ୍ୟ ସରକାର ଐତିହ୍ୟକୁ ଧ୍ୱଂସ କରି କିଭଳି ଐତିହ୍ୟ ରକ୍ଷା କରୁଛନ୍ତି ବୋଲି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପ୍ରଶ୍ନ ଉଠାଇଛନ୍ତି। ସୋମବାର ଏଏସ୍‌ଆଇ(ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ) ଅଧିକାରୀଙ୍କ ସହ ଏମ୍‌ପି ଷଡ଼ଙ୍ଗୀ ଐତିହ୍ୟ ସ୍ଥଳରେ ଖନନ ଓ ନିର୍ମାଣ କାର୍ଯ୍ୟର ତଦାରଖ କରିଥିଲେ। ନିକଟରେ ମିଳିତ ଉଚ୍ଛେଦ ଟିମ୍ ଶୁକସାରୀ ମନ୍ଦିର, ଏବଂ ମଠର ଐତିହ୍ୟ କିର୍ତ୍ତିରାଜୀର କିଛି ଅଂଶ ଭଙ୍ଗାଯାଇଥିବା ନେଇ ଏମ୍‌ପି ଷଡ଼ଙ୍ଗୀ ଅସନ୍ତୋଷ ପ୍ରକାଶ କରବା ସହ ଏହି ପ୍ରଶ୍ନ ଉଠାଇଛନ୍ତି। ଅଧୀକ୍ଷଣ ପ୍ରତ୍ନତତ୍ତ୍ୱବିତ୍ ଅରୁଣ କୁମାର ମଲ୍ଲିକ, ସହାୟକ ଅଧୀକ୍ଷଣ ପ୍ରତ୍ନତତ୍ତ୍ୱବିତ୍ ରାହୁଲ କୁମାର ଶ୍ରୀବାସ୍ତବ, ପ୍ରତାପ କୁମାର ନାୟକ, ପ୍ରଶାସନିକ ଅଧିକାରୀ ବିଜୟ କୁମାର ଦାଶ, ସର୍ବେକ୍ଷକ ପ୍ରଦୀପ କୁମାର ରାଉତ, ଭାଜପା ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ପରିତ୍ୟକ୍ତ ପଥର ଖଣିରୁ ନାବାଳିକା ଉଦ୍ଧାର

### ସନ୍ଦେହ ଘେରରେ ଅଟକ ଯୁବକ

ଭୁବନେଶ୍ୱର,୧।୩(ବ୍ୟୁରୋ)

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଡମଣା ଅଞ୍ଚଳରେ ଥିବା ଏକ ପରିତ୍ୟକ୍ତ ମାଙ୍କଡ଼ା ପଥର ଖଣିରୁ ସୋମବାର ଜଣେ ନାବାଳିକାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। ଏଥିସହ ତାଙ୍କୁ ସେଠାକୁ ନେଇଥିବା ଅଜଣା ଯୁବକଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ତେବେ ଯୁବକ ଜଣକ ନାବାଳିକାଙ୍କ କକା ବୋଲି ପୋଲିସ ଓ ଲୋକଙ୍କ ଆଗରେ କହିଥିଲେ ମଧ୍ୟ ତାଙ୍କ କଥାବାର୍ତ୍ତାରେ ତାଳମେଳ ରହୁନି। ଅନ୍ୟପକ୍ଷରେ ଯୁବକ ଜଣକ ତାଙ୍କ ସହ ଖରାପ କାମ କରୁଥିଲେ ବୋଲି ଉକ୍ତ ନାବାଳିକା କହିବା ପରେ ଲୋକଙ୍କ ସନ୍ଦେହ ବଢ଼ି ଯାଇଛି। ପୋଲିସ ଯୁବକଙ୍କୁ ଥାନାରେ ଅଟକ ରଖି ଅଧିକ ପଚରାଉଚରା କରୁଛି। ଯୁବକ ଓ ନାବାଳିକା ସ୍ଥାନୀୟ ଏକ ବସ୍ତିର ବୋଲି ପୋଲିସ ଜାଣିବାକୁ ପାଇଛି। ସୂଚନା ଅନୁଯାୟୀ, ଦିନ ପ୍ରାୟ ଅଢେଇଟା ସମୟରେ ଜଣେ ଯୁବକ ଡମଣାରେ ଥିବା ଏକ ପରିତ୍ୟକ୍ତ ଖଣି ଅଞ୍ଚଳରେ ବୁଲୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ତାଙ୍କ ସହ ଜଣେ ଛୋଟ ଝିଅ ମଧ୍ୟ ଥିଲେ। ସ୍ଥାନୀୟ ଲୋକଙ୍କୁ ଦେଖିବା ମାତ୍ରେ ଯୁବକ ଜଣକ ଭୟଭୀତ ହୋଇ ଲୁଚିବାକୁ ଚେଷ୍ଟା କରିଥିଲେ। ଏହା ଦେଖି ଲୋକେ ଦଉଡି ଯାଇ ତାଙ୍କୁ କାବୁ କରିଥିଲେ। ତାଙ୍କ ବ୍ୟାଗ୍ ଯାଞ୍ଚ କରିବାରୁ ନାବାଳିକାଙ୍କର କିଛି ପୋଷାକ ମିଳିଥିଲା। ପରେ ତାଙ୍କୁ ନାବାଳିକାଙ୍କ ସମ୍ବନ୍ଧରେ ପଚାରିବାରୁ ଯୁବକଙ୍କ ପାଟି ଖନି ମାରିଯାଇଥିଲା। ଥଙ୍ଗ ଥଙ୍ଗ ହୋଇ କିଛି କହିପାରିନଥିଲେ। ଏମିତିକି ସେ ନାବାଳିକାଙ୍କ କାକା ହେବେ କହୁଥିଲେ ମଧ୍ୟ ତାଙ୍କ ନାମ ଓ ତାଙ୍କ ବାପାଙ୍କ ନାମ କହିପାରିନଥିଲେ। ଯେଉଁଥିପାଇଁ ତାଙ୍କ ଉପରେ ପୋଲିସର ସନ୍ଦେହ ଦୃଢ଼ ହୋଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ଯୁବରାଜ ସ୍ୱାଇଁଙ୍କୁ ତାଙ୍କ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରି ନାହିଁ।

# ରେଜିଷ୍ଟ୍ରାର ଅଫିସରେ ତାଲା ପକାଇଲେ ଆଇନଜୀବୀ

**ଭୁବନେଶ୍ୱର,୧।୩(ବ୍ୟୁରୋ):** ବିନା ନୋଟିଫିକେଶନରେ ସବ୍ ପ୍ଲଟ ରେଜିଷ୍ଟ୍ରେଶନ ବନ୍ଦକୁ ଭୁବନେଶ୍ୱର ବାର୍ ଆସୋସିଏଶନର ଆଇନଜୀବୀମାନେ ବିରୋଧ କରି ଭୁବନେଶ୍ୱର ରେଜିଷ୍ଟ୍ରାର ଅଫିସରେ ତାଲା ପକାଇଥିଲେ। ଫଳରେ ରେଜିଷ୍ଟ୍ରାର ଅଫିସକୁ ବିଭିନ୍ନ କାମରେ ଆସିଥିବା ଲୋକମାନେ ଅନେକ ସମୟ ଧରି ନାନାଦି ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଯାହାକୁ ନେଇ ଅଧିକାଂଶ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସବ ପ୍ଲଟ ରେଜିଷ୍ଟ୍ରେଶନ ବନ୍ଦ କରିବା ଦ୍ୱାରା ଅନେକ ଲୋକଙ୍କୁ ସମସ୍ୟା ଭିତରକୁ ଠେଲିଦେବ। ଝିଅ ବିବାହ ପାଇଁ ଜମି ଖଣ୍ଡିଏ ମଧ୍ୟ ବାପା ବିକ୍ରି କରିପାରିବ ନାହିଁ। ଯାହାକି ଅନେକ ଗରିବ ଶ୍ରେଣୀର ଲୋକଙ୍କୁ ନିରାଶ ହୋଇ ଫେରିବାକୁ ପଡ଼ିବ ବୋଲି ଆଇନଜୀବୀମାନେ ଜିଦି ଧରିଥିଲେ। ଏଥିସହ ଯୁକ୍ତି ବାଢିଥିଲେ ଯେ, ବିଲଡର ଓ ବିଡିଏ ପ୍ରିୟାପ୍ରୀତି ପାଇଁ ବିନା ନୋଟିଫିକେଶନରେ ସବ୍ ପ୍ଲଟ ରେଜିଷ୍ଟ୍ରେଶନ ବନ୍ଦ କରାଯାଇଛି। ଯେପର୍ଯ୍ୟନ୍ତ ସବ୍ ପ୍ଲଟ ରେଜିଷ୍ଟ୍ରେଶନ ଆରମ୍ଭ ନ ହୋଇଛି, ସେପର୍ଯ୍ୟନ୍ତ କାର୍ଯ୍ୟାଳୟ ବନ୍ଦ ରହିବ ବୋଲି ଆଇଜୀବୀମାନେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ରାଜ୍ୟପାଳଙ୍କ ପୁସ୍ତକର ହିନ୍ଦୀ ଅନୁବାଦ ଲୋକାର୍ପିତ



ପୁସ୍ତକ 'ଅସୁସ୍ଥ ପୃଥ୍ୱୀ କି ପ୍ରାର୍ଥନା'କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୧।୩(ବ୍ୟୁରୋ)

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ପୁସ୍ତକ 'ଅସୁସ୍ଥ ପୃଥିବୀର ପ୍ରାର୍ଥନା ଓ ଅନ୍ୟାନ୍ୟ ରଚନା'ର ହିନ୍ଦୀ ସଂସ୍କରଣ 'ଅସୁସ୍ଥ ପୃଥ୍ୱୀ କି ପ୍ରାର୍ଥନା' ସୋମବାର ରାଜଭବନରେ ଲୋକାର୍ପିତ ହୋଇଯାଇଛି। ଅଧ୍ୟାପକ ଅଜିତ ପ୍ରସାଦ ମହାପାତ୍ର ଏହାର ହିନ୍ଦୀ ଅନୁବାଦ କରିଥିବାବେଳେ 'ବିଶ୍ୱମୁକ୍ତି' ପ୍ରକାଶନ ସଂସ୍ଥା ପକ୍ଷରୁ ପ୍ରକାଶିତ ହୋଇଛି। ରାଜଭବନ ଅଭିଷେକ ହଲ୍‌ରେ ଆୟୋଜିତ ଉନ୍ମୋଚନ ଉତ୍ସବରେ ରାଜ୍ୟପାଳ ଯୋଗଦେଇ କହିଲେ, ଓଡ଼ିଶା ଏକ ଭୂଗୋଳ ନୁହେଁ, ଏକ ମହାଭାବ। ଏହି ମାଟିର ଦିବ୍ୟତା ରହିଛି। ଓଡ଼ିଆ ଭାଷା ହେଉଛି ମନ୍ତ୍ରମୟ ଭାଷା। ଏଠାରେ ସୃଜନଶୀଳତାର ସ୍ୱାଭାବିକ ପ୍ରବାହ ରହିଛି। ଏ ମାଟିରେ ଯେ ପହଞ୍ଚିବ ସେ ଅନନ୍ୟ ସ୍ପନ୍ଦନ ଅନୁଭବ କରିପାରିବ। ସମଗ୍ର ବ୍ରହ୍ମାଣ୍ଡରେ ଏଭଳି ଭୂମିର ବିକଳ୍ପ ନାହିଁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଓଡ଼ିଶା ନିର୍ମଳ ଆନନ୍ଦର ଏକ ପ୍ରଦେଶ। ଓଡ଼ିଶାର ସେବାର ସୁଯୋଗ ପାଇ ମୁଁ ନିଜକୁ ଧନ୍ୟ ମନେକରୁଛି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି।

ଉନ୍ମୋଚନ ସମାରୋହରେ ଏମ୍‌ପି ଅଚ୍ୟୁତ ସାମନ୍ତ, ପୂର୍ବତନ ଏମ୍‌ପି ତଥା କବି ପ୍ରସନ୍ନ କୁମାର ପାଟ୍ଟଶାଣୀ, ରାଜ୍ୟପାଳଙ୍କ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦା, ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ, ବିଶ୍ୱମୁକ୍ତିର ସମ୍ପାଦକ କବି ଶଶାଙ୍କ ଚୂଡ଼ାମଣିଙ୍କ ସମେତ ବହୁ କବି ଓ ଲେଖକ ଯୋଗଦେଇ ରାଜ୍ୟପାଳଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ପ୍ରକାଶକ ସବିତା ଦାସ, ଅନୁବାଦକ ଅଜିତ ପ୍ରସାଦ ମହାପାତ୍ର, ଶିଳ୍ପୀ ସୁଶୀଳ ପୁହାଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପିକା ବେଦୁଲା ରାମଲକ୍ଷ୍ମୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅକ୍ଷୟ



@ ମୁରଲୀଧର



@ ବାଦଲ



@ ପ୍ରଦୀପ୍ତ



@ ରୋହିତ



@ ଲିଟୁ

## ପ୍ରତିଭା ପ୍ରଦର୍ଶନ କଲା 'ପ୍ରାଇଡ୍ ଅଫ୍ ଉତ୍କଳ'

**ଭୁବନେଶ୍ୱର,୧।୩(ବ୍ୟୁରୋ):** ଓଡ଼ିଶାର ଲୁକ୍କାୟିତ ପ୍ରତିଭାର ପ୍ରଦର୍ଶନ ସହ ଏହାକୁ ପ୍ରୋତ୍ସାହିତ କରିବା ପାଇଁ ଉତ୍କଳ ଗ୍ୟାଲେରିଆ ଶପିଂ ମଲ୍‌ରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ 'ପ୍ରାଇଡ୍ ଅଫ୍ ଉତ୍କଳ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୁଃସାହସିକ ଷ୍ଟଣ୍ଟ୍ ବାଇକରଙ୍କ କୌଶଳ ପ୍ରଦର୍ଶନ, ଡିଜେ ମ୍ୟୁଜିକ୍, ଅଭିନବ ସାଇକେଲ ଚାଳନା, ବାଇକ୍ ଚାଳନା, ଡ୍ୟାନ୍ସ ଷ୍ଟାଣ୍ଡ ଅପ୍, ର୍‍ୟାମ୍ପ ପ୍ରଦର୍ଶନ ଆଦି କରାଯାଇଥିଲା। ଏଥିସହ ସମସ୍ତ ଅଂଶଗ୍ରହଣକାରୀ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଲିଙ୍କନ ସୁବୁଦ୍ଧି, ଚଳଚ୍ଚିତ୍ର ଅଭିନେତା ତାପି ମିଶ୍ର, ମିଷ୍ଟର ଷ୍ଟଣ୍ଟ୍ ବାଇକର ଓ ତାଙ୍କ ଟିମ୍ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ। ଆଗକୁ ଏଭଳି ଅନେକ ଅଭିନବ କାର୍ଯ୍ୟକ୍ରମ କରିବା ପାଇଁ ପ୍ରୟାସ କରାଯିବ ବୋଲି ଗ୍ୟାଲେରିଆର ମାର୍କେଟିଂ ହେଡ୍ ଦୁଲାଲ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

# ଧରାପଡ଼ିଲେ ଚତୁର ଲୁଟେରା

ଭୁବନେଶ୍ୱର,୧।୩(ବ୍ୟୁରୋ)

- ଟେଷ୍ଟ ଡ୍ରାଇଭ୍ ଆଳରେ ଗାଡ଼ି ଧରି ଚମ୍ପଟ ମାରୁଥିଲେ
- ୧୧ ବାଇକ୍ ଜବତ, ପୂର୍ବରୁ ଧରାପଡ଼ି ଜେଲ ଯାଇଥିଲେ

ଓଏଲ୍‌ଏକ୍ସରେ ଗାଡି ବିକ୍ରି ପାଇଁ ବିଜ୍ଞାପନ ଦେଉଥିବା ଗାଡ଼ି ମାଲିକଙ୍କୁ ଯୋଗାଯୋଗ କରୁଥିଲେ। ଗାଡି ରେଟ୍ ଛିଡିବା ପରେ ଅଳ୍ପ କିଛି ଟଙ୍କା ଅଗ୍ରିମ ଦେଇ ବିଶ୍ୱାସ ଜନ୍ମାଉଥିଲେ। ପରେ ଟେଷ୍ଟ ଡ୍ରାଇଭ୍ ଆଳରେ ଗାଡ଼ି ନେଇ ଚମ୍ପଟ ମାରୁଥିଲେ। ଉକ୍ତ ଗାଡ଼ିକୁ ଜିଲା ବାହାରକୁ ନେଇ ଅଧା ଦାମ୍‌ରେ ବିକ୍ରି କରୁଥିଲେ। ନିଜ ନାମ ବଦଳାଇ ରାଜଧାନୀର ବିଭିନ୍ନ ଅଞ୍ଚଳର ଲୋକଙ୍କୁ ଏମିତି ଚୂନ ଲଗାଉଥିଲେ। ଏଭଳି ଅଭିନବ ଉପାୟରେ ଗାଡ଼ି ଲୁଟ୍ କରୁଥିବା ଏହି ଚତୁର ଲୁଟେରାଙ୍କୁ ଶେଷରେ କମିଶନରେଟ୍ ପୋଲିସ ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲା ଭଞ୍ଜନଗରର ଜଗା ଓରଫ ଅମିତ ପାତ୍ର। ପୋଲିସ ତାଙ୍କ ନିକଟରୁ ୧୧ ବାଇକ ଜବତ କରିଛି। ଜଗା ପୂର୍ବରୁ ମଧ୍ୟ ଗାଡି ଚୋରି କରି ଜେଲ ଯାଇଥିଲେ। ୨୦୧୯ରେ ପୋଲିସ ତାଙ୍କୁ ଗିରଫ କରିବା ସହ ୧୭ଟି ଗାଡି ଜବତ କରିଥିଲା। ତେବେ ଜେଲରୁ ଫେରିବା ପରେ ପୁଣି ଏହି କଳା ଧନ୍ଦା ଆରମ୍ଭ କରିଦେଇଥିଲେ ଜଗା।

ସୂଚନା ଅନୁଯାୟୀ, ଓଏଲ୍‌ଏକ୍ସ ମାଧ୍ୟମରେ ଟେଷ୍ଟ ଡ୍ରାଇଭ୍ ଆଳରେ ଗାଡ଼ି ଲୁଟ୍ ହେଉଥିବା ନେଇ ମାସେ ତଳେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରୁ ଅଭିଯୋଗ ଆସିଥିଲା। ଏହାପରେ କମିଶନରେଟ୍ ପୋଲିସ ପକ୍ଷରୁ ତଦନ୍ତ ପାଇଁ ସ୍ପେଶାଲ ସ୍କ୍ୱାଡ୍‌କୁ ନିର୍ଦ୍ଦେଶ ଦିଆଯାଇଥିଲା। ସବୁ ଲୁଟ୍ ସମାନ ଢଙ୍ଗରେ ହୋଇଥିବାରୁ ଏଥିରେ ଜଣେ ବ୍ୟକ୍ତି କିମ୍ବା ଗୋଟିଏ ଗ୍ୟାଙ୍ଗ୍‌ର ସମ୍ପୃକ୍ତି ଥିବା ପୋଲିସ ସନ୍ଦେହ କରିଥିଲା। ଏହାପରେ ପୋଲିସ ସିସିଟିଭି ଫୁଟେଜ ଓ ଫୋନ ନମ୍ବରକୁ ଟ୍ରାକିଂ କରି ଜଗାଙ୍କୁ ଚିହ୍ନଟ କରିଥିଲା। ଗଞ୍ଜାମସ୍ଥିତ ତାଙ୍କ ଘରେ ଥିବାବେଳେ ସ୍ପେଶାଲ ସ୍କ୍ୱାଡ୍ ଚଢ଼ାଉ କରି ତାଙ୍କୁ ଧରି ଭୁବନେଶ୍ୱର ଆଣିଥିଲା।

## ସିଡିଏ ଅଧିକାରୀ, କର୍ମଚାରୀ ସଂଘର ଦ୍ୱିପାକ୍ଷିକ ଆଲୋଚନା

**କଟକ ଅଫିସ:** କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଉପାଧ୍ୟକ୍ଷଙ୍କ ସମ୍ମିଳନୀ କକ୍ଷରେ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଡିଏ ଉପାଧ୍ୟକ୍ଷ, ଉଚ୍ଚ ପଦାଧିକାରୀ ଏବଂ କର୍ମଚାରୀ ସଂଘ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭବାନୀ ଶଙ୍କର ଚୟନୀ, ସଚିବ ତଥା ସିଏମ୍‌ସି କମିଶନର ଅନନ୍ୟା ଦାସ ଏଥିରେ ଯୋଗଦେଇ ସିଡିଏର ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ସମୀକ୍ଷା କରିଥିଲେ। ମର୍କତନଗର ସେକ୍ଟର-୧୦ ଏବଂ ୧୧ରେ ଶିଳାନ୍ୟାସ ହୋଇଥିବା କଲ୍ୟାଣମଣ୍ଡପ, ଅବ୍ୟବହୃତ ଭାବେ ପଡିରହିଥିବା ନରଣପୁର ଜମିରେ ପ୍ରକଳ୍ପ, ଅରୁଣୋଦୟ ଭବନର ପୁନରୁଦ୍ଧାର, କାର୍ଯ୍ୟାଳୟର ସମସ୍ତ ବିଭାଗକୁ କମ୍ପ୍ୟୁଟରୀକରଣ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା।

## ସଂକ୍ଷେପରେ

### ଗୋଧୂଳିବେଳାର ଗୀତି ପୁସ୍ତକ ଲୋକାର୍ପିତ

**କଟକ ଅଫିସ,୧।୩ :** କଟକ ଶ୍ରୀରାମଚନ୍ଦ୍ର ଭବନରେ ପୁସ୍ତକ 'ଗୋଧୂଳିବେଳାର ଗୀତି' ସୋମବାର ଲୋକାର୍ପିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଡ. ବିଜୟାନନ୍ଦ ସିଂହ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିଥିଲେ। ଅରୁଣା ସାମନ୍ତରାୟ ସ୍ୱାଗତଭାଷଣ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ମୀନାକ୍ଷୀ ଦେବୀ ଯୋଗଦେଇଥିଲେ। ଏଥିରେ ଡ. ଗୁରୁପ୍ରସାଦ ମହାନ୍ତି, ତରୁଣ କୁମାର ସାହୁ, ଡ. ବୈଜୟନ୍ତୀ ମିଶ୍ର, ମନୋଜ ପଟ୍ଟନାୟକ, ରଘୁନାଥ ମହାପାତ୍ର, ଯୁଧିଷ୍ଠିର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ନିଗମାନନ୍ଦ ପୌର୍ଣ୍ଣମାସିକ ସାରସ୍ୱତ ସଂଘର ଅଧିବେଶନ

**ଚୌଦ୍ୱାର,୧।୩(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଚଷାପଡା ଚନ୍ଦନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ନିଗମାନନ୍ଦ ପୌର୍ଣ୍ଣମାସିକ ସାରସ୍ୱତ ସଂଘର ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଗୋପାଳ ଚନ୍ଦ୍ର ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାରାୟଣ, ଚଣ୍ଡୀପାଠ ଓ ଷୋଡ଼ଶ ଉପଚାରରେ ପୂଜା ହୋଇଥିଲା। ଏଥିରେ ସତ୍ୟସନାତନ ଭାଗବତ ପ୍ରଚାର ସମିତିର ମୁଖ୍ୟ ଉପଦେଷ୍ଟା କୈଳାସ ଚନ୍ଦ୍ର ବରାଳ ଅତିଥି ଭାବେ ଯୋଗଦେଇଥିଲେ। ବୈରାଗୀ ଚରଣ ଲେଙ୍କା, ମମତା ଭୂୟାଁ, ବ୍ରଜବନ୍ଧୁ ନାୟକ, ଅନ୍ତର୍ଯ୍ୟାମୀ ସାହୁ, ଲିଙ୍ଗରାଜ ଖୁଣ୍ଟିଆ, ଶାନ୍ତିଲତା ବେଉରା, ଅଭିମନ୍ୟୁ ଗୋଚ୍ଛାୟତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଭିଜିଲାନ୍ସ ନିର୍ଦ୍ଦେଶାଳୟରେ ସମ୍ବର୍ଦ୍ଧନା ସଭା

**କଟକ ଅଫିସ, ୧।୩:** ଭିଜିଲାନ୍ସ ନିର୍ଦ୍ଦେଶାଳୟ ସମ୍ମିଳନୀ କକ୍ଷରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ନିର୍ଦ୍ଦେଶକ ଡ. ଦେବାଶିଷ ପାଣିଗ୍ରାହୀ ଅଧକ୍ଷତା କରି ଅବସର ଗ୍ରହଣ କରିଥିବା ଅଧିକାରୀମାନଙ୍କ ଉତ୍ସର୍ଗୀକୃତ ସେବା, ସଚ୍ଚୋଟତା, କାର୍ଯ୍ୟଧାରା ସମସ୍ତଙ୍କୁ ଉତ୍ତମ ମଣିଷରେ ପରିଣତ କରିଛି ବୋଲି କହିଥିଲେ। ଏହି ଅବସରରେ ଚାକିରିରୁ ଅବସର ନେଇଥିବା ଭିଜିଲାନ୍ସ ଏଆଇଜି ଶଶିଭୂଷଣ ମିଶ୍ର, ମୁଖ୍ୟଯନ୍ତ୍ରୀ ଶିଶିର ପଟ୍ଟନାୟକ, ପ୍ରଶାସନିକ ଅଧିକାରୀ ପ୍ରମୋଦ ପଟ୍ଟନାୟକ ଏବଂ ଆରକ୍ଷୀ ନିରୀକ୍ଷକ ନନ୍ଦକିଶୋର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଆଇଜି ଅନିଲ କୁମାର ପାତ୍ର ସଭା ପରିଚାଳନା କରିଥିବାବେଳେ ଆଇଜି(ଭିଜିଲାନ୍ସ) ଘନଶ୍ୟାମ ଉପାଧ୍ୟାୟ, ସଞ୍ଜୟ କୁମାର କୌଶଳ, ଆଇନ ପରାମର୍ଶଦାତା ଦିଲ୍ଲୀପ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୨୦୦ ଫୁଟ୍ ଟାୱାରକୁ ଚଢ଼ିଗଲା ଶିଶୁ

**କଣ୍ଟାପଡା, ୧।୩(ଡି.ଏନ.ଏ.)**

କଣ୍ଟାପଡା ବ୍ଲକ ଅନ୍ତର୍ଗତ ବଡପାଟସୁନ୍ଦରପୁର ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଜଣେ ୪ ବର୍ଷର ଶିଶୁପୁତ୍ର ମୋବାଇଲ ଟାୱାର ନିକଟରେ ଖେଳୁଖେଳୁ ତାହା ଉପରେ ଚଢିଯାଇଥିଲା। ପରେ ସେହି ଗ୍ରାମର ଜଣେ ଯୁବକଙ୍କ ଉପସ୍ଥିତ ବୁଦ୍ଧି ଓ ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା ଶିଶୁକୁ ଉଦ୍ଧାର କରାଯାଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, କୈଳାସ ସେଠୀ(୬୨)ଙ୍କ ୪ବର୍ଷର ପୁଅ କାହ୍ନା ଅପରାହ୍ନ ପ୍ରାୟ ୩ଟାରେ ଟାୱାର ନିକଟରେ ଖେଳୁଖେଳୁ ଏହା ଉପରକୁ ଚଢ଼ିଯାଇଥିଲା। ଖବରପାଇ ଉକ୍ତ ଗ୍ରାମର ପ୍ରଶାନ୍ତ ବେହେରା(୩୫) ପହଞ୍ଚି ଶିଶୁଟି ଟାୱାର ଉପରେ ଚଢୁଥିବା ଦେଖିଥିଲେ। ସେ ସଙ୍ଗେସଙ୍ଗେ ତାଙ୍କୁ ଉଦ୍ଧାର କରିବା ପାଇଁ ଟାୱାର ଉପରକୁ ଚଢ଼ିବା ଆରମ୍ଭ କରିଥିଲେ। ହେଲେ ଶିଶୁଟି ପ୍ରାୟ ୨୦୦ ଫୁଟ ଉଚ୍ଚତା ବିଶିଷ୍ଟ ଟ୍ୱାୱାର ଉପରକୁ ଚଢ଼ିଯାଇ ଉପରେ ବସିରହିଥିଲା। ପ୍ରଶାନ୍ତ କୌଶଳକ୍ରମେ ତାଙ୍କ ନିକଟରେ ପହଞ୍ଚି କାବୁକରି ନେଇଥିଲେ। ତେବେ ତାକୁ ତଳକୁ ଆଣିବା ପାଇଁ କୌଣସି ଉପାୟ ନ ପାଇବାରୁ ଅତଶପୁର ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନୀଶମ ଅଧିକାରୀ କୃଷ୍ଣଚନ୍ଦ୍ର ସାମଲଙ୍କ ନେତୃତ୍ୱରେ ଫାୟାରମ୍ୟାନ ରାକେଶ କୁମାର ସାହୁ ଓ ବିଜୟ ବେହେରା ଟାୱାର ଉପରେ ଚଢି ଶିଶୁକୁ ପିକ୍‌ବ୍ୟାଗ ସହାୟତାରେ ଅପରାହ୍ନ ୫.୩୦ ସୁଦ୍ଧା ତଳକୁ ଆଣିଥିଲେ। କାହ୍ନା ତଳେ ପହଞ୍ଚିବା ପରେ ସ୍ୱାଭାବିକ ଭାବେ ଚଳପ୍ରଚଳ କରିଥିଲା। ଅଗ୍ନୀଶମ କର୍ମଚାରୀ ଶିଶୁକୁ ତାଙ୍କ ମା'କୁ ହସ୍ତାନ୍ତର କରି ଫେରିଯାଇଥିଲେ। ଜଣେ ଜେନେରେଟର ମେକାନିକ ଭାବେ କାମ କରୁଥିବା ପ୍ରଶାନ୍ତଙ୍କୁ ବିଭିନ୍ନ ମହଲରୁ ସାବାସି ମିଳିଛି। ତାଙ୍କର ଉପସ୍ଥିତ ବୁଦ୍ଧି ଓ ସାହସ ଯୋଗୁ ଶିଶୁଟିର ଜୀବନ ରକ୍ଷା କରାଯାଇପାରିଛି। ଏ ସମ୍ପର୍କରେ ପ୍ରଶାନ୍ତ କହିଛନ୍ତି, ଘଟଣାସ୍ଥଳରେ ପହଞ୍ଚିବା ପରେ କାହ୍ନାଙ୍କ ମା'ଙ୍କ କାନ୍ଦ ଦେଖି ବିଚଳିତ ହୋଇଯାଇଥିଲି। ପରେ ସାହସ ବାନ୍ଧି ଟାୱାର ଉପରେ ଚଢିଥିଲି। ସେଠାରୁ ଶିଶୁଙ୍କୁ କାବୁ କରି ଜୀବନ ରକ୍ଷା କରିପାରିଥିବାରୁ ଜୀବନ ସାର୍ଥକ ହୋଇଛି ବୋଲି କହିଛନ୍ତି। ସେହିପରି ଅଗ୍ନିଶମ କର୍ମଚାରୀମାନଙ୍କ କର୍ତ୍ତବ୍ୟନିଷ୍ଠାକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

ଅପରପକ୍ଷେ ଉକ୍ତ ଟାୱାରର ସୁରକ୍ଷା ବାଡ ନଷ୍ଟ ହୋଇଯାଇଥିବାରୁ ବିଭିନ୍ନ ସମୟରେ ପିଲାମାନେ ଏଠାରେ ଖେଳିବା ପାଇଁ ପଶିଯାଆନ୍ତି। ଫଳରେ ସୋମବାର ଏଭଳି ଘଟଣା ଘଟିଲା ବୋଲି ସେହି ଗ୍ରାମର ରଞ୍ଜନ କୁମାର ଦାସ କହିଛନ୍ତି।


ଶିଶୁପୁତ୍ର କାହ୍ନାଙ୍କ ସହ ପ୍ରଶାନ୍ତ।

### ଯୁବକଙ୍କ ସାହସିକତା ପାଇଁ ଜୀବନ ରକ୍ଷାପାଇଲା

# ଡିଜିପିଙ୍କ ଦ୍ୱାରସ୍ଥ ହେଲେ ପୋଲିସ କର୍ମଚାରୀଙ୍କ ସ୍ତ୍ରୀ

**କଟକ ଅଫିସ, ୧।୩**

ପୋଲିସ ବିଭାଗରେ କାମ କରୁଛନ୍ତି। ନା ମିଳୁଛି ଦରମା ନା ମିଳୁଛି ଛୁଟି। ଦୂରରେ ଥିବା ସ୍ୱାମୀଙ୍କ ବିନା ଏକୁଟିଆ ସଂସାର ଜାଲରେ ଛନ୍ଦି ହୋଇପଡୁଛି। ପିଲାଛୁଆଙ୍କୁ ଭଲରେ ଦିମୁଠା ଖାଇବାକୁ ଦେଇପାରୁନାହିଁ। ଏଭଳି ପରିସ୍ଥିତିରେ ମୋ ସ୍ୱାମୀଙ୍କୁ ନ୍ୟାୟ ଦିଆଯାଉ ବୋଲି ଡିଜିପିଙ୍କ ନିକଟରେ ଫେରାଦ ହୋଇଛନ୍ତି କଟକ ଜିଲା ବଡମ୍ବା ଅଞ୍ଚଳର ମହିଳା ପ୍ରବାସିନୀ ଚୌଧୁରୀ। ମିଳିଥିବା ସୂଚନା ଅନୁଯାୟୀ, ପ୍ରବାସିନୀଙ୍କ ସ୍ୱାମୀ ବିଜୟ କୁମାର ଚୌଧୁରୀ ୧୪ ବର୍ଷ ଧରି ମାଲକାନଗିରିସ୍ଥିତ ତୃତୀୟ ବାଟାଲିୟନରେ କାର୍ଯ୍ୟ କରୁଛନ୍ତି। ଘରେ ୧୦ ବର୍ଷର ପୁଅ ଓ ୨ ବର୍ଷର ଛୋଟ ଝିଅ ଅଛନ୍ତି। ସ୍ତ୍ରୀଙ୍କ ଦେହ ଅତିମାତ୍ରାରେ ଅସୁସ୍ଥ ହେବାରୁ ବିଜୟ ଉପରିସ୍ଥ ଅଧିକାରୀ ତଥା କମାଣ୍ଡାଣ୍ଟଙ୍କୁ ଅନ୍‌ଲାଇନ୍‌ରେ ଛୁଟି ପାଇଁ ଆବେଦନ କରିଥିଲେ। କମାଣ୍ଡାଣ୍ଟ ପ୍ରଥମେ ଛୁଟି ମଞ୍ଜୁର କରିଥିଲେ ମଧ୍ୟ ପରେ ତାହାକୁ ନାକଚ କରିଦେଇଥିଲେ। ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଇଥିବା ସମସ୍ତ କାଗଜପତ୍ର କମାଣ୍ଡାଣ୍ଟଙ୍କ ପାଖରେ ଦାଖଲ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ମୋର ମୁର୍ଚ୍ଛାବାତ ରୋଗ ଅଛି। ଯେକୌଣସି ସମୟରେ ଏହା ବାହାରିପାରେ। ମୋ ସ୍ୱାମୀଙ୍କର ଫେବୃୟାରୀର ଦରମା ବନ୍ଦ କରିଦିଆଯାଇଛି। ଫଳରେ ଘରକୁ ଟଙ୍କା ଆସିବା ବନ୍ଦ ହୋଇଯାଇଛି। ବର୍ତ୍ତମାନ ଆମ ପରିବାର କେମିତି ଚଳିବ, ପିଲାମାନେ କେମିତି ପାଠ ପଢ଼ିବେ ବୋଲି ସେ ଅଭିଯୋଗ କରିଛନ୍ତି। କମାଣ୍ଡାଣ୍ଟଙ୍କ ବିରୋଧରେ ଉପରିସ୍ଥ ଅଧିକାରୀଙ୍କୁ ଏ ନେଇ ମୋର ସ୍ୱାମୀ ଜଣାଇଥିଲେ। ହେଲେ କମାଣ୍ଡାଣ୍ଟ ମୋ ସ୍ୱାମୀଙ୍କ ବିରୋଧରେ ମିଛ ମକଦ୍ଦମା ଦାଏର କରି ତାଙ୍କ ବିରୋଧରେ ପ୍ରୋସିଡିଂ କରିଛନ୍ତି ବୋଲ ପ୍ରବାସିନୀ ଅଭିଯୋଗ କରିଛନ୍ତି। ସବୁଆଡୁ ନିରାଶ ହେବା ପରେ ପ୍ରବାସିନୀ ଦୁଇବର୍ଷର ଛୁଆକୁ ଧରି ସୋମବାର କଟକସ୍ଥିତ ପୋଲିସ ମୁଖ୍ୟାଳୟରେ ପହଞ୍ଚି ଡିଜିପିଙ୍କୁ ଦାବିପତ୍ର ଦେଇଥିଲେ। ତୁରନ୍ତ ଏହି ଘଟଣାର ତର୍ଜମା କରି ମୋ ସ୍ୱାମୀଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ ବୋଲି ପ୍ରବାସିନୀ କହିଛନ୍ତି। ଏ ନେଇ ଡିଜିପିଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ସ୍ୱାମୀଙ୍କୁ ମିଳୁନି ଦରମା, ଛୁଟି


ଝିଅ ସହ ପ୍ରବାସିନୀ।



କେନ୍ଦ୍ର କୃଷି ଆଇନ ଓ ଧାନର ଅଭାବୀ ବିକ୍ରି ବିରୋଧରେ ପଶ୍ଚିମ ଓଡ଼ିଶାରୁ ଭୁବନେଶ୍ୱର ଅଭିମୁଖେ ବାଇକ୍ ଶୋଭାଯାତ୍ରାରେ ଆସୁଥିବା ଚାଷୀଙ୍କୁ ସୋମବାର କଟକ କଲେଜ ଛକଠାରେ ସମ୍ବର୍ଦ୍ଧିତ କରାଯାଉଛି।

## କୃଷି ସଚେତନତା ରଥ ଶୁଭାରମ୍ଭ

**ବାଙ୍କୀ,୧।୩(ସ୍ୱ.ପ୍ର./ବି.ପ୍ର.)**

ବାଙ୍କୀ ଜିଲା କୃଷି ବିଭାଗ ପକ୍ଷରୁ ସୋମବାର ୨ଟି କୃଷି ସଚେତନତା ରଥକୁ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଶୁଭାରମ୍ଭ କରିଛନ୍ତି। ଏହି ରଥ ୬ ଦିନ ଧରି ବାଙ୍କୀ ଓ ଡମପଡା ବ୍ଲକ ପରିକ୍ରମା କରି ଚାଷୀଙ୍କୁ ବିଭିନ୍ନ ଯୋଜନା ସମ୍ପର୍କରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନ କରାଇବ ବୋଲି ଜିଲା କୃଷି ଅଧିକାରୀ ଶୈଳେନ୍ଦ୍ର କୁମାର ମହାନ୍ତି କହିଛନ୍ତି। କାର୍ଯ୍ୟକ୍ରମରେ ଉପଜିଲାପାଳ ରଞ୍ଜନ କୁମାର ଜେନା, ଡମପଡା ବ୍ଲକ ଅଧକ୍ଷ ସୂର୍ଯ୍ୟନାରାୟଣ ପାତ୍ର, ଜିଲା ପରିଷଦ ସଭ୍ୟ ତ୍ରିଲୋଚନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।


ଘାଟିକିଆ ଶ୍ୟାମପୁରସ୍ଥିତ ଆଶ୍ରମ ପରିସରରେ ଶ୍ରୀ ଅନନ୍ତ ସେବା ପରିଷଦ ପକ୍ଷରୁ ପ୍ରକାଶିତ ବାର୍ଷିକ ବିଶେଷାଙ୍କ 'ଅନନ୍ତାମୃତ'କୁ ବାବା ଅଭିରାମ ସରସ୍ୱତୀ ଓ ଅନ୍ୟ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ବସ୍ତିବାସିନ୍ଦାଙ୍କୁ ଥଇଥାନ ଦାବିରେ ବିକ୍ଷୋଭ

**କଟକ ଅଫିସ, ୧।୩**

ତାଳଦଣ୍ଡା କେନାଲ ପାର୍ଶ୍ୱରେ ଥିବା ବସ୍ତିବାସିନ୍ଦାଙ୍କୁ ଥଇଥାନ ଦାବିରେ ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ସୋମବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକ୍ଷୋଭକାରୀମାନେ ଗୌରୀଶଙ୍କର ପାର୍କ ନିକଟରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ବିନା ନୋଟିସ୍‌ରେ ବସ୍ତି ଉଚ୍ଛେଦ ବନ୍ଦ କରିବା, ବସ୍ତି ବାସିନ୍ଦାଙ୍କୁ ଆଇନ ଅନୁଯାୟୀ ଥଇଥାନ, ଜମିର ପଟ୍ଟା ପ୍ରଦାନ ସହ ମାଲଗୋଦାମ ଅର୍ବାନ ବ୍ୟାଙ୍କ ପଛପଟେ ଖାଲି ଥିବା ସରକାରୀ ଅନାବାଦୀ ଜମିରେ ଥଇଥାନ କରିବା ପାଇଁ ମଞ୍ଚ ପକ୍ଷରୁ ଦାବି ହୋଇଛି। ମଞ୍ଚର ଆବାହକ ଖଗେଶ୍ୱର ସେଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ମହାନଗର ନାଗରିକ ମିଳିତ ମଞ୍ଚର ଆବାହକ ଚିତ୍ତରଞ୍ଜନ ମହାନ୍ତି, ବାମପନ୍ଥୀ ନେତା ବିଶ୍ୱାବସୁ ଦାସ, ଶ୍ରମିକନେତା ରାଜକିଶୋର ମଲ୍ଲିକ, ବସ୍ତିନେତା ଦିପକ ଦାସ ପ୍ରମୁଖ ସାମିଲ ହୋଇଥିଲେ।

## କ୍ରିକେଟ ଟୁର୍ନାମେଣ୍ଟ:ପିଏମ୍‌ସିଏ ଚାମ୍ପିୟନ

**ଟିଗିରିଆ,୧।୩(ଡି.ଏନ୍.ଏ.)**

ଟିଗିରିଆ ବ୍ଲକ ପାଞ୍ଚଗାଁସ୍ଥିତ ମିନିଷ୍ଟାଡ଼ିୟମରେ ଅକ୍ଷୟ ମଲ୍ଲିକ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ଟିଗିରିଆର ପ୍ରସନ୍ନମଣି କ୍ରିକେଟ ଆସୋସିଏଶନ(ପିଏମ୍‌ସିଏ) ଚାମ୍ପିୟନ ହୋଇଛି। ଟସ୍ ଜିତି ପିଏମସିଏ ୧୨୫ରନ କରିଥିଲା। ଜବାବରେ ୟଙ୍ଗଷ୍ଟାର କ୍ରିକେଟ କ୍ଲବ ୧୧୦ ରନ୍ କରିଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଟିଗିରିଆ ପଞ୍ଚାୟତ ସମିତି ଅଧକ୍ଷା ରୂପା ଦଳେଇ ଓ ସମ୍ମାନିତ ଅତିଥି ରଘୁନାଥ ନାଥ, ସୁଜିତ ବାରିକ, ସଞ୍ଜୟ ମଲ୍ଲିକ ପ୍ରମୁଖ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ପିଏମ୍‌ସିଏର ଆଶିଷ ମହାନ୍ତି ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ ହୋଇଥିଲେ।

## 'ସାଇବର ଠକେଇର ଶିକାର ହେଉଛନ୍ତି ବରିଷ୍ଠ ନାଗରିକ'

**କଟକ ଅଫିସ, ୧।୩**

କଟକ ବରିଷ୍ଠ ନାଗରିକ ମହାସଭା ପକ୍ଷରୁ କେଶରପୁର ସ୍ଥିତ ଏକ ମେଡିକାଲ ପରିସରରେ ସୋମବାର ସାଇବର ଠକେଇରୁ ସାବଧାନ ରହିବା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଡିଜି(କ୍ରାଇମବ୍ରାଞ୍ଚ) ସୌମେନ୍ଦ୍ର ପ୍ରିୟଦର୍ଶୀ ଯୋଗଦେଇ କହିଥିଲେ, ଡିଜିଟାଲ ଦୁନିଆରେ ସାଇବର ଅପରାଧ ବଢ଼ି ଚାଲିଛି । ଗତ ଦୁଇବର୍ଷ ମଧ୍ୟରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଉଚ୍ଚଶିକ୍ଷିତ ବରିଷ୍ଠ ନାଗରିକମାନେ ଏହି ଠକେଇର ଶିକାର ହୋଇଛନ୍ତି । ଦିଲ୍ଲୀ, ବିହାର ଅଞ୍ଚଳର ଲୁଟେରାମାନେ ବିଭିନ୍ନ ଲୋଭ ଦେଖାଇ କୋଟି କୋଟି ଟଙ୍କା ଲୁଟି ନେଉଛନ୍ତି । ମୋବାଇଲରେ ଆସୁଥିବା ମେସେଜ୍ ଏବଂ ବ୍ୟାଙ୍କ ସମ୍ବନ୍ଧୀୟ ତଥ୍ୟ ନ ଦେଇ ସତର୍କତା ଅବଲମ୍ବନ କରି ଫୋନ୍ ବ୍ୟବହାର କରିବା ପାଇଁ ସେ କହିଥିଲେ। ୟୁନାଇଟେଡ୍ ନେସନ୍ ଡେଭଲପମେଣ୍ଟ ପ୍ରୋଗ୍ରାମ କଟକ କୋ-ଅର୍ଡିନେଟର ସାଧନା ବେହେରା, କ୍ରାଇମବ୍ରାଞ୍ଚ ଇନ୍ସପେକ୍ଟର ଅବନ୍ତିମଣି ନାୟକ ପାୱାର ପଏଣ୍ଟ ଜରିଆରେ ଫୋନ୍ ବ୍ୟବହାର ଏବଂ ସାଇବର କ୍ରାଇମ୍ ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ପ୍ରଫେସର କୃପାସିନ୍ଧୁ ପଣ୍ଡା କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବାବେଳେ ମହାସଭା ସାଧାରଣ ସମ୍ପାଦକ ବିଷ୍ଣୁମୋହନ ଦାସ ସାମନ୍ତ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ଅରୁଣ କୁମାର ପଣ୍ଡା, ଡ. ଟହଲି ଚରଣ ମହାନ୍ତି ଏବଂ ନମିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ପୁଣି ପୋତାଗଲା ଅପମିଶ୍ରିତ ସାମଗ୍ରୀ

**କଟକ ଅଫିସ, ୧।୩**

### ଖାଦ୍ୟ ଅନୁପଯୋଗୀ ମସଲା ଗୁଣ୍ଡ ନଷ୍ଟ କରାଗଲା

କଟକ ସହରର ବିଭିନ୍ନ କାରଖାନାରୁ ଜବତ ହୋଇଥିବା ବହୁ କୁଇଣ୍ଟାଲ ଅପମିଶ୍ରିତ ମସଲା ସାମଗ୍ରୀକୁ ସୋମବାର ନଷ୍ଟ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ୩ ମାସରେ ମାଲଗୋଦାମ ଓ ଚାଉଳିଆଗଞ୍ଜ ଥାନା ଅଞ୍ଚଳର ପ୍ରାୟ ୭ଟି ଅପମିଶ୍ରିତ କାରଖାନାରେ ପୋଲିସ ଚଢାଉ କରିଥିଲା। ସେଠାରୁ ଖୁଦ, ବିଭିନ୍ନ ରଙ୍ଗ ଓ କେମିକାଲ ମିଶା ଲଙ୍କାଗୁଣ୍ଡ, ଜିରାଗୁଣ୍ଡ, ହଳଦୀଗୁଣ୍ଡ, ଧନିଆଗୁଣ୍ଡ ଭଳି ପ୍ରାୟ ୨୦ ଲକ୍ଷ ଟଙ୍କାର ଅପମିଶ୍ରିତ ସାମଗ୍ରୀ ଜବତ କରିଥିଲା। ଅନ୍ୟପକ୍ଷରେ ସିଏମ୍‌ସି ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ସହାୟତାରେ ପୋଲିସ ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ତିଆରି ହେଉଥିବା ୫ଟି କାରଖାନାକୁ ସିଲ୍ କରିଥିଲା। ଜବତ ମସଲାର ନମୁନା ପରୀକ୍ଷା ପାଇଁ ଭୁବନେଶ୍ୱର ରସୁଲଗଡ ସ୍ଥିତ ଷ୍ଟେଟ ଫୁଡ ଟେଷ୍ଟିଂ ଲାବୋରେଟାରୀକୁ ପଠାଯାଇଥିଲା। ନମୁନା ପରୀକ୍ଷା ପରେ ଏହା ଖାଦ୍ୟ ଅନୁପଯୋଗୀ ବୋଲି ରିପୋର୍ଟରେ ଦର୍ଶାଯାଇଥିଲା। ଏହି ରିପୋର୍ଟ ଆଧାରରେ ପୋଲିସ ଅପମିଶ୍ରିତ ମସଲାଗୁଡିକୁ ନଷ୍ଟ କରିବା ପାଇଁ କୋର୍ଟଙ୍କ ଅନୁମତି ଲୋଡିଥିଲା। ତେବେ କୋର୍ଟରୁ ଅନୁମତି ମିଳିବା ପରେ ସୋମବାର ୪ଟି ଟ୍ରାକ୍ଟର ବୋଝେଇ ଉକ୍ତ ସାମଗ୍ରୀକୁ ମାଲଗୋଦାମ ପୋଲିସ ନଷ୍ଟ କରିବା ସହ ଶିଖରପୁର ସ୍ଥିତ ଗଡାରେ ଗାତ ଖୋଳି ପୋତି ଦେଇଥିଲା।

ସୂଚନାଯୋଗ୍ୟ, ଚୌଦ୍ୱାର ପୌରପାଳିକା ୯ନଂ. ୱାର୍ଡ ବାଳିକା ଉଚ୍ଚବିଦ୍ୟାଳୟ ନିକଟ ଏକ କାରଖାନାରୁ ଜବତ ହୋଇଥିବା ଅପମିଶ୍ରିତ ବିପୁଳ ପରିମାଣର ଘିଅ ଓ ସସ୍‌କୁ ରବିବାର ପୋଲିସ ନଷ୍ଟ କରିଥିଲା। ପରେ ତାହାକୁ ଚୌଦ୍ୱାରସ୍ଥିତ ବଧୀ ପଡିଆ ନିକଟରେ ଗାତ ଖୋଳାଯାଇ ପୋତାଯାଇଥିଲା। ଗତ ସେପ୍ଟେମ୍ବର ୧୪ ତାରିଖରେ ଉକ୍ତ କାରଖାନାରେ କଟକ କମିଶନରେଟ ପୋଲିସ ଓ ଚୌଦ୍ୱାର ପୋଲିସ ମିଳିତ ଭାବେ ଚଢାଉ କରି ବିପୁଳ ପରିମାଣର ଅପମିଶ୍ରିତ ଘିଅ ଓ ସସ୍ ଜବତ କରିଥିଲା। ଏହି ଘଟଣାରେ କାରଖାନା ମାଲିକଙ୍କୁ ଗିରଫ କରିଥିଲା। ପରେ କାରଖାନାକୁ ସିଲ୍ କରିବା ସହ ଜବତ ସାମଗ୍ରୀର ନମୁନା ପରୀକ୍ଷା ପାଇଁ ପଠାଇଥିଲା। ଏହାପରେ ଏହି ସାମଗ୍ରୀ ଖାଦ୍ୟ ଅନୁପଯୋଗୀ ବୋଲି ଜଣାପଡିଥିଲା।



ଜବତ ହୋଇଥିବା ଅପମିଶ୍ରିତ ସାମଗ୍ରୀକୁ ପୋତା ଯାଉଛି।

# ବ୍ରହ୍ମବନର କୋଣାଦିତ୍ୟ

**ଡ. ସୁରେନ୍ଦ୍ର କୁମାର ମିଶ୍ର**

୨୦୧୫, ଅଗଷ୍ଟ ୩୧ ତାରିଖରେ 'ଐତିହ୍ୟର ଓଡ଼ିଶା' ଶୀର୍ଷକରେ ଓଡ଼ିଶାର ଗୌରବମୟ ଐତିହ୍ୟର ଆଲୋଚନା ଆରମ୍ଭ ହୋଇଥିଲା। ପ୍ରଥମ ଆଲୋଚନାର ଆଦିକଥାରେ ଆମେ ସୂଚନା ଦେଇଥିଲୁ ଯେ, ଓଡ଼ିଶାର ଗାଁଠାରୁ ସହରର ଗଳି ପର୍ଯ୍ୟନ୍ତ ଇତିହାସର ଉପାଦାନ ବିଛାଡ଼ି ହୋଇ ପଡ଼ିଛି। ଦୃଷ୍ଟିକୋଣରେ ସାମାନ୍ୟ ପରିବର୍ତ୍ତନ ହେଲେ ଉପାଦାନଗୁଡ଼ିକର ମୂଲ୍ୟାଙ୍କନ ହୋଇପାରିବ। ସେଥିପାଇଁ ଓଡ଼ିଶା ଇତିହାସର ବହୁ ଅନାଲୋଚିତ ତଥ୍ୟ ଆମେ ସରଳ ଭାଷାରେ ମନକୁ ଛୁଇଁଲା ପରି ଆଲୋଚନା କରିବାକୁ ଚେଷ୍ଟା କରିଥିଲୁ। ଆମର ଶାସ୍ତ୍ର, ଅପ୍ରକାଶିତ ପୋଥି, କାହାଣୀ, କିମ୍ବଦନ୍ତୀ, ଲୋକକଥା ଓ ପରମ୍ପରାରୁ ଅନେକ ଉପାଦାନ ସଂଗ୍ରହ କରି ଆଲୋଚନା ପରିସରକୁ ଆଣିଥିଲୁ। ଏହାରି ଭିତରେ ରହିଛି ଆମ ବିଜୟ ବୁନିଆଦିର ସ୍ମାରକୀ।

ଏହି ଆଲୋଚନା ଧାରାବାହିକ ଭାବରେ ୧୪୪ଟି ସଂଖ୍ୟାରେ ପ୍ରକାଶ ପାଇଥିଲା। ଗୌରବମୟ ଐତିହ୍ୟର ଆଲୋଚନା ଦ୍ୱାରା ଗୋଟାଏ ଜାତିର ଜାତୀୟତାକୁ ପାଠକଟିଏ ନୂଆ ରୂପରେ ତଉଲେଇବାର ଅବକାଶ ପାଏ। ତା' ଅତୀତକୁ ସେ ନୂଆ କରି ପୁଣି ଦେଖେ। ସେ ଆହ୍ୱାନକୁ ଧରିତ୍ରୀ ସାକାର କରିଆସିଛି। ଇଂରେଜମାନେ ଓଡ଼ିଶା ଅଧିକାର କରିବା ପରେ ୧୮୦୪ ମସିହାଠାରୁ ତା୧୭.୦୭.୧୮୨୭ରିଖର ତାପଙ୍ଗଗଡ଼ ଯୁଦ୍ଧ ପର୍ଯ୍ୟନ୍ତ ଆମେ ଆଲୋଚନା କରି ଖୋରଧା ବୀରମାନଙ୍କ 'ଦ୍ୱୀପାନ୍ତରର କରୁଣ ପରିଣତି' ପର୍ଯ୍ୟନ୍ତ ପହଞ୍ଚିଥିଲୁ। ଓଡ଼ିଶାର ସୁଦୀର୍ଘ ରାଜବଂଶର ଶାସନ, ସାମରିକ ପରାକାଷ୍ଠା ଓ ଦିଗ୍‌ବିଜୟ ଗାଥା ଗୁନ୍ଥି ଦେଇଥିଲୁ ଯେ ସବୁ ଆଲୋଚନାରେ। ମାତ୍ର ଓଡ଼ିଶାର କଳା-ସ୍ଥାପତ୍ୟ-ଭାସ୍କର୍ଯ୍ୟର ଐତିହ୍ୟ ସ୍ୱତନ୍ତ୍ର ଭାବରେ ଆଲୋଚନା କରିବାର ଆଶା ପୋଷଣ କରିଥିଲୁ। ଓଡ଼ିଶାର ଏହି ଦିଗ ମଧ୍ୟ ବହୁ ମତ ମତାନ୍ତର କୁହେଳିକାରେ ସଂକ୍ରମିତ। ଉଦାହରଣ ସ୍ୱରୂପ ପ୍ରଥମେ ଆମେ କୋଣାର୍କରେ ନିର୍ମିତ ହୋଇଥିବା ଶ୍ରୀ ପଦ୍ମକେଶର ମନ୍ଦିରର ଐତିହ୍ୟକୁ ଚର୍ଚ୍ଚା ପରିସରକୁ ଆଣିବା।


ସମୁଦ୍ରରୁ ସୂର୍ଯ୍ୟ ଉଦୟ ହେଉଥିବାର ଚମତ୍କାର ଦୃଶ୍ୟର ଫଟୋ।




ପ୍ରାଚୀନ କୋଣାଦିତ୍ୟ କ୍ଷେତ୍ର ଆଜି କୋଣାର୍କଭାବରେ ପରିଚିତ ହେଉଛି। ଏହି କ୍ଷେତ୍ରର ଦୁଇପାର୍ଶ୍ୱ ଓ ମଝିରେ ସମୁଦାୟ ୫ଟି ନଦୀ ମହୋଦଧିରେ ମିଶିଥିଲା। ମନ୍ଦିର ନିର୍ମାଣ ପୂର୍ବରୁ କୋଣାଦିତ୍ୟ ଥିଲା ଭାରତବର୍ଷର ପ୍ରସିଦ୍ଧ ତୀର୍ଥକ୍ଷେତ୍ର। ପବିତ୍ର ଚନ୍ଦ୍ରଭାଗା ନଦୀକୁ ନେଇ ତୀର୍ଥ ଗଢ଼ି ଉଠିଥିଲା। ସଂସ୍କୃତ ମହାଭାରତ ସମୟରେ ପ୍ରସିଦ୍ଧ 'ବ୍ରହ୍ମବନ'ର ପୂର୍ବାଞ୍ଚଳ ଥିଲା କୋଣାଦିତ୍ୟର ତପସ୍ୟା-ଭୂମି। ପଶ୍ଚିମାଞ୍ଚଳ ଥିଲା ବ୍ରହ୍ମଗିରିର ସାଧନା ଭୂମି। କୋଣାଦିତ୍ୟ ଶବ୍ଦ ସଂସ୍କୃତ ଜ୍ୟୋତିଷ ଶାସ୍ତ୍ରର ୧୧ ଖଣ୍ଡ ଗ୍ରନ୍ଥରୁ ଆମେ ପାଉ। ସୂର୍ଯ୍ୟଙ୍କୁ ନେଇ ଏହି ଶବ୍ଦ। ଶ୍ରୀଆଦିତ୍ୟ ଦେବ ପୂର୍ବ ଦିଗର କୋଣରୁ ଉଦୟ ହେଉଥିବାରୁ ଏହାର ଗଭୀର ରହସ୍ୟକୁ ଜ୍ୟୋତିର୍ବିଜ୍ଞାନୀମାନେ ଅନୁସନ୍ଧାନ କରିଛନ୍ତି ଶତାବ୍ଦୀ ପରେ ଶତାବ୍ଦୀ ଧରି। ସେହି ଅନୁସନ୍ଧାନ ସମ୍ପୂର୍ଣ୍ଣ ଭାବେ ପ୍ରସଙ୍ଗକ୍ରମରେ ଆମେ ଏକାଠି କରିପାରିନେ। କୋଣାଦିତ୍ୟକୁ ନେଇ ଯେଉଁ ନମସ୍ୟ ଗ୍ରନ୍ଥକାରମାନେ ବିଚାର ଆଲୋଚନା କରିଛନ୍ତି, ତାହା ବିଜ୍ଞାନୀମାନଙ୍କୁ ନିଶ୍ଚିତ ଚିନ୍ତା କରିବାକୁ ବାଧ୍ୟ କରିବ।

- ଫଟୋ: ଯଜ୍ଞେଶ୍ୱର ମହାନ୍ତି

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨ ମାର୍ଚ୍ଚ, ୨୦୨୧

## କମେଣ୍ଟକୁ କେନ୍ଦ୍ରକରି ମାରପିଟ୍

ବାଲୁଗାଁ,(ଡି.ଏନ୍.ଏ.): ବାଲୁଗାଁ ଥାନା ଅଧୀନ ସାମନ୍ତରାପୁର ଅଞ୍ଚଳର ଜଣେ ଛାତ୍ରୀଙ୍କୁ କମେଣ୍ଟ ମରାକୁ ନେଇ ସୋମବାର ମାରପିଟ୍ ଓ ଭଙ୍ଗାରୁଜା ହୋଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ପିରସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ସୂଚନା ମୁତାବକ, ଛାତ୍ରୀଜଣକ କଲେଜରୁ ଘରକୁ ଫେରୁଥିବା ବେଳେ ଉକ୍ତ ଅଞ୍ଚଳର ଜଣେ ଯୁବକ ତାଙ୍କୁ କମେଣ୍ଟ କରିଥିଲେ। ଏନେଇ ଛାତ୍ରୀଜଣକ ଘରେ କହିଥିଲେ। ପରିବାର ଲୋକେ ସମ୍ପୃକ୍ତ ଯୁବକଙ୍କୁ ପଚାରିବାରୁ ବଚସା ହୋଇଥିଲା। ପରେ ଯୁବକ ଓ ତାଙ୍କ ସହଯୋଗୀ ଛାତ୍ରୀଙ୍କ ଘରେ ପହଞ୍ଚି ଭଙ୍ଗାରୁଜା କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।



# ଅଧକୋଟିର ବ୍ରାଉନସୁଗାର ଜବତ, ୩ ଗିରଫ

- ସୋରରୁ ଖୋର୍ଦ୍ଧାକୁ ଲମ୍ବିଛି ଚେର
- ୯୫ ହଜାର ଟଙ୍କା, ଇକୋ ସ୍ପୋର୍ଟ୍ସ କାର ଜବତ
- କାରବାରରେ ଦାମୀ କାର୍ ବ୍ୟବହାର ହେଉଛି





ଗିରଫ ୩ ଅଭିଯୁକ୍ତ ଏବଂ ଜବତ ହୋଇଥିବା ବ୍ରାଉନ୍ ସୁଗାର, ଟଙ୍କା ଓ ମୋବାଇଲ ଫୋନ।

**ଖୋର୍ଦ୍ଧା ଅଫିସ,୧।୩**

ଖୋର୍ଦ୍ଧା ପାଲଟିଛି ବ୍ରାଉନସୁଗାର ହବ୍ ସେଣ୍ଟର। ବାଲେଶ୍ୱର ଜିଲାର ସୋର, ଜଲେଶ୍ୱର ଅଞ୍ଚଳରୁ ବ୍ରାଉନସୁଗାର ଅଣାଯାଇ ଏଠାରେ ବିକ୍ରି କରାଯାଉଛି। ଏହି କାରବାରରେ ଯୁବପିଢ଼ିଙ୍କୁ ସାମିଲ କରାଯାଉଛି। ସୋରରୁ ଏକ ଇକୋ ସ୍ପୋର୍ଟ୍ସ କାର୍‌ରେ ବ୍ରାଉନସୁଗାର ଧରି ଆସୁଥିବା ୩ଜଣ ଅଭିଯୁକ୍ତଙ୍କୁ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ୧୬ନଂ. ଜାତୀୟ ରାଜପଥ ପେଟ୍ରୋଲ ପମ୍ପ ନିକଟରେ ଧରିବା ସହ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବ୍ରାଉନସୁଗାର କାରବାର ମାଷ୍ଟରମାଇଣ୍ଡ ଗଞ୍ଜାମ ଜିଲା ରମ୍ଭା ଥାନା ପାନ୍ଥନିବାସ ଅଞ୍ଚଳର ଅମିତ କୁମାର ସାହୁ(୨୭), ଖଲ୍ଲିକୋଟ ଥାନା କେଶପୁର ରେଲ୍‌ୱେ ଷ୍ଟେଶନ ଅଞ୍ଚଳର ସଂଗ୍ରାମ ପଣ୍ଡା(୨୪) ଏବଂ ଖୋର୍ଦ୍ଧା ଭାଲିଆବାଡ଼ିର ନନ୍ଦୁ ଓରଫ ବୀରେନ୍ଦ୍ର କୁମାର ସାହୁ(୨୫)। ଏମାନଙ୍କ ନିକଟରୁ ୬୫୪ ଗ୍ରାମ ବ୍ରାଉନସୁଗାର, ୯୫ହଜାର ଟଙ୍କା, କାର ଓ ୬ଟି ମୋବାଇଲ ଫୋନ ଜବତ ହୋଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୬୫ଲକ୍ଷ ୪୦ହଜାର ଟଙ୍କା ହେବ। ଜବତ ବ୍ରାଉନସୁଗାର ସୋରରୁ ଖୋର୍ଦ୍ଧା ଆଣୁଥିବା ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି ବୋଲି ସୋମବାର ଖୋର୍ଦ୍ଧା ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ରାଜକିଶୋର ଦୋରା କହିଛନ୍ତି। ତେବେ ସୋରରୁ ବ୍ରାଉନସୁଗାର ଖୋର୍ଦ୍ଧାର କାହାପାଖକୁ ଆସୁଥିଲା ବୋଲି ଖବରଦାତାମାନେ ପଚାରିବାରୁ ଏସ୍‌ପି କୌଣସି ସୂଚନା ନ ଦେଇ କଥା ପ୍ରସଙ୍ଗକୁ ଏଡ଼ାଇ ଦେଇଥିଲେ।

ସୂଚନା ମୁତାବକ, ସୋରରୁ ଇକୋ ସ୍ପୋର୍ଟ୍ସ କାରରେ ଅମିତ ଦୁଇଜଣ ସହଯୋଗୀଙ୍କ ସହ ବ୍ରାଉନସୁଗାର ଧରି ଖୋର୍ଦ୍ଧା ଆସୁଥିବା ନେଇ ଟାଉନ ପୋଲିସକୁ ସୂଚନା ମିଳିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ସୁଶୀଲ ମିଶ୍ରଙ୍କ ନେତୃତ୍ୱରେ ଥାନାଧିକାରୀ ଉମାଶଙ୍କର ସିଂ ଏବଂ ସ୍ପେଶାଲ ସ୍କ୍ୱାଡ୍‌କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ୍ ପେଟ୍ରୋଲ ପମ୍ପ ନିକଟରେ ଲୁଚି ରହିଥିଲେ। ଅଭିଯୁକ୍ତମାନେ ପେଟ୍ରୋଲ ପମ୍ପ ନିକଟରେ ତେଲ ପକାଇବା ଲାଗି ଅଟକିଥିବା ବେଳେ ପୋଲିସ ସେମାନଙ୍କୁ ମାଡ଼ି ବସିଥିଲା। ପ୍ରକାଶ ଯେ, ଗତ ୨୨ତାରିଖରେ ଖୋର୍ଦ୍ଧା ଅବକାରୀ ପୋଲିସ ଲୋକେଶ୍ୱରପୁର ଛକରୁ ୩୨୦ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଜଣଙ୍କୁ ଗିରଫ କରିଥିଲା। ପ୍ରକାଶ ଯେ, ଆଦର୍ଶ ଥାନା ପୋଲିସ ଗତବର୍ଷ ୪.୫କୋଟିର ବ୍ରାଉନସୁଗାର ଜବତ କରିଥିଲା। ନିକଟରେ ଗୁରୁଜଙ୍ଗ ଗୁଳିକାଣ୍ଡ ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ୨ଜଣ ପେସାଦାର ବ୍ରାଉନସୁଗାର ବେପାରୀ ଥିଲେ ବୋଲି ପୋଲିସ ପକ୍ଷରୁ କୁହାଯାଇଥିଲା। ଜେଲ ଭିତରେ ରହି ଅପରାଧୀମାନେ ଏହି କାରବାରକୁ ଅପରେଟିଂ କରୁଛନ୍ତି। କେଉଁଠୁ ମାଲ୍ ଆସିବ, କାହାଠୁ ଆସିବ, କେଉଁମାନଙ୍କ ପାଖକୁ ଯିବ, ଏହାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହେଉଥିବା ଏକ ଭିଡିଓ ଭାଇରାଲ ହେବା ପରେ ଘଟଣା ପଦାକୁ ଆସିଥିଲା। ଅନ୍ୟପଟେ ପାଇକବୀରଙ୍କ ମାଟି ଭାବେ ପରିଚିତ ଖୋର୍ଦ୍ଧା ଏବେ ବ୍ରାଉନସୁଗାର କାରବାର ଲାଗି ଏହାର ଗରିମା ନଷ୍ଟ ହେବାକୁ ବସିଛି ବୋଲି କେତେଜଣ ବୁଦ୍ଧିଜୀବୀ କହିଛନ୍ତି। ଏଥିପ୍ରତି ପୋଲିସ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ମତପ୍ରକାଶ ପାଇଛି। ବ୍ରାଉନସୁଗାର କାରବାର ରୋକିବା ଲାଗି ଗୁରୁତ୍ୱ ଦିଆଯାଉଛି ବୋଲି ଏସ୍‌ପି ଦୋରା କହିଛନ୍ତି।

## ସଂକ୍ଷେପରେ

### ମୋରମ ଖନନକୁ ପୁଣି ଗ୍ରାମବାସୀଙ୍କ ବିରୋଧ

**ଜଟଣୀ,୧।୩(ଡି.ଏନ୍.ଏ.):** ଜଟଣୀ ବ୍ଲକ ଅଧୀନ ଶିଳପୁଆ ମୁଣ୍ଡିଆରୁ ମୋରମ ଖନନକୁ ସୋମବାର ପୁଣି କନ୍ତିଆ ଗ୍ରାମବାସୀ ବିରୋଧ କରିଛନ୍ତି। ଅପରାହ୍ନରେ ଜଟଣୀ ତହସିଲଦାର ଏବଂ ପୋଲିସ ମୁଣ୍ଡିଆ ସ୍ଥଳରେ ଉପସ୍ଥିତିରେ ଜେସିବି ମାଧ୍ୟମରେ ମୋରମ ଖୋଳାଯାଉଥିଲା। ଖବରପାଇ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ବିରୋଧ କରିବାରୁ କାର୍ଯ୍ୟ ବନ୍ଦ କରି ତହସିଲଦାର ଓ ପୋଲିସ ଫେରିଯାଇଥିଲେ। ଯେଉଁ ପର୍ଯ୍ୟନ୍ତ ରୟତଙ୍କ ସ୍ଥିତିବାନ ଜମି ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଜେ ପୁରୀଙ୍କ ନାମରୁ ପ୍ରକୃତ ମାଲିକଙ୍କ ନାମରେ ନ ହୋଇଛି, ସେ ପର୍ଯ୍ୟନ୍ତ ଗ୍ରାମବାସୀ ଜଗନ୍ନାଥ ମହାପ୍ରଭୁ ବିଜେ ପୁରୀଙ୍କ ଜମିରୁ ଖଣ୍ଡେ ଗୋଡିବି କାହାରିକୁ ଦେବେ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଆସନ୍ତା ବୁଧବାର ଜିଲାପାଳଙ୍କ ସହିତ ଆଲୋଚନା ପାରେ ଉକ୍ତ ଶିଳପୁଆ ମୁଣ୍ଡିଆରୁ ମାଟି ଉଠିବ କି ନାହିଁ ନିଷ୍ପତ୍ତି ହେବ।

### ନବବଧୂ ହତ୍ୟା ମାମଲା: ଶାଶୁ, ଶ୍ୱଶୁର ଗିରଫ

**ଖୋର୍ଦ୍ଧା ଅଫିସ,୧।୩:** ଯୌତୁକ ପାଇଁ ବଧୂ ହତ୍ୟା ମାମଲାରେ ଖୋର୍ଦ୍ଧା ଟାଉନ ପୋଲିସ ସୋମବାର ଶାଶୁ ଓ ଶ୍ୱଶୁରଙ୍କୁ ଗିରଫ କରିଛି। ସେମାନେ ହେଲେ ଶାଶୁ ସରୋଜିନୀ ଏବଂ ଶ୍ୱଶୁର ସୁରଥ ସୁରଥ ଧାଉଡିଆସିଂ। ଘଟଣାର ତଦନ୍ତ ଜାରି ରହିଛି। ପ୍ରମାଣକୁ ଆଧାର କରି ଅନ୍ୟମାନଙ୍କୁ ମଧ ଗିରଫ କରାଯିବ ବୋଲି ଥାନାଧିକାରୀ ଉମାଶଙ୍କର ସିଂ କହିଛନ୍ତି। ସୂଚନା ମୁତାବକ, ରବିବାର ପଲ୍ଲାରୁ ପୋଲିସ ଶ୍ରଦ୍ଧାଞ୍ଜଳିଙ୍କ ମୃତଦେହ ଜବତ କରିଥିଲା। ମୃତାଙ୍କ ବାପା ପ୍ରତାପ ରାଉତରାୟ ଯୌତୁକ ପାଇଁ ତାଙ୍କ ଝିଅକୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୮୪/୨୧) ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

### ଗାଡ଼ି ଫିଟ୍‌ନେସ ଯାଞ୍ଚ ପାଇଁ ଜମି ଅଧିଗ୍ରହଣ

**ଯାଁଳା,୧।୩(ଡି.ଏନ୍.ଏ.):** ଯାଁଳା ନିକଟ ଛତାବର ପଞ୍ଚାୟତ ଅଳକର ମୌଜାରେ ସୋମବାର ଭୁବନେଶ୍ୱର ଆରଟିଓ ୧ ଓ ୨ସହ ଖୋର୍ଦ୍ଧା ଜିଲାର ସମସ୍ତ ଯାନବାହନର ଫିଟନେସ ଯାଞ୍ଚ ପାଇଁ ଜମି ଅଧିଗ୍ରହଣ କରାଯାଇଛି। ଏଥିଲାଗି ପ୍ରାୟ ୬ ଏକର ଜମି ଅଧିଗ୍ରହଣ କରାଯାଇଛି। ବିଭାଗୀୟ ଅଧିକାରୀଙ୍କ କହିବା ଅନୁଯାୟୀ, ଏଠାରେ ଅତ୍ୟାଧୁନିକ ଯନ୍ତ୍ରପାତି ଦ୍ୱାରା ଫିଟନେସ ଯାଞ୍ଚ ହେବ। ତେଣୁ ଗାଡି ମାଲିକଙ୍କୁ ହଇରାଣ ହେବାକୁ ପଡ଼ିବ ନାହିଁ। ଏହି ଅଧିଗ୍ରହଣ ବେଳେ ଜଟଣୀ ତହସିଲଦାର ପତନ କୁମାର ମହାପାତ୍ର, ଆରଟିଓ ବୀରଞ୍ଚି ନାରାୟଣ ଅଧିକାରୀ,ଏମଭିଆଇ ସାବୁଆ ମାଝି, ଆସିଷ୍ଟାଣ୍ଟ ଏମଭିଆଇ ମହେନ୍ଦ୍ର ପଟ୍ଟନାୟକ, ମନୋରଞ୍ଜନ ମହାପାତ୍ର, ଟ୍ରାଫିକ ଆଇଆଇସି ରଜତ ଶତପଥୀ ଓ ଯାଁଳା ଫାଣ୍ଡି ଅଧିକାରୀଙ୍କ ସହ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ସକାଳୁଆ ସ୍କୁଲ ଆସିଲେ ଛାତ୍ରୀଛାତ୍ର

**ଖୋର୍ଦ୍ଧା ଅଫିସ,୧।୩:** ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟରେ ସୋମବାର ଠାରୁ ସକାଳୁଆ ସ୍କୁଲ ଆରମ୍ଭ ହୋଇଛି। ସକାଳ ୭ଟାରୁ ୯ଟା ନବମ ଓ ଏକାଦଶ ଏବଂ ୯ଟାଠାରୁ ୧ଟା ପର୍ଯ୍ୟନ୍ତ ଦଶମ ଓ ଦ୍ୱାଦଶ ଶ୍ରେଣୀର ପାଠପଢ଼ା ହୋଇଥିଲା। ସକାଳୁଆ ସ୍କୁଲ ଯୋଗୁ ପିଲାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ପିଲାଙ୍କ ଥର୍ମାଲ ସ୍କ୍ରିନିଂ, ହ୍ୟାଣ୍ଡ ୱାଶ କରିବା ପରେ ପ୍ରବେଶ କରିଥିଲେ। ତେବେ ସ୍କୁଲ ସମୟ ପରିବର୍ତ୍ତନକୁ ନେଇ କେତେଜଣ ଅଭିଭାବକ ଏବଂ ବୁଦ୍ଧିଜୀବୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହା ଦ୍ୱାରା ପିଲାଙ୍କ ପାଠପଢ଼ା ବ୍ୟାହତ ହେବ ବୋଲି କହିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷାବିଭାଗ ପକ୍ଷରୁ ଜାରି ଗାଇଡଲାଇନକୁ ପାଳନ କରାଯିବ ବୋଲି ଜିଲା ଶିକ୍ଷାଧିକାରୀ ବନ୍ଦନା ମହାପାତ୍ର କହିଛନ୍ତି। ସମସ୍ତ ବିଦ୍ୟାଳୟକୁ ନିୟମିତ ସାନିଟାଇଜ, ପାନୀୟଜଳ ସୁବ୍ୟବସ୍ଥା ଏବଂ ପର୍ଯ୍ୟାପ୍ତ ମାତ୍ରାରେ ଓଆର୍‌ଏସ୍ ପ୍ୟାକେଟ ମହଜୁଦ ରଖିବା ଲାଗି ମଧ କୁହାଯାଇଛି। ଏନେଇ ସମସ୍ତ ବିଇଓ, ପ୍ରଧାନଶିକ୍ଷକଙ୍କ ସହ ଆଲୋଚନା କରାଯାଇଛି। ପିଲାଙ୍କ ପାଠପଢାରେ କୌଣସି ବ୍ୟାହତ ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯିବ। କରୋନା ସମୟରେ ଖୋର୍ଦ୍ଧା ଶିକ୍ଷା ଜିଲାରେ ପ୍ରଥମେ ଓଡ଼ିଶା ପାଇଲଟ ଯୋଜନା ଭାବେ ଅନଲାଇନ ପାଠପଢ଼ା ଆରମ୍ଭ ହୋଇଥିଲା।

## 'ପିଲାଙ୍କ ଶିକ୍ଷାରେ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

**ନିରାକାରପୁର,୧।୩(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ମଳିପଡ଼ାସ୍ଥିତ ବାଙ୍ଗୁର ଶିକ୍ଷା ସଦନରେ ସୋମବାର ପ୍ରଧାନଶିକ୍ଷକ ଡ.ଗୌରହରି ମିଶ୍ରଙ୍କ ସଭାପତିତ୍ୱରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବାଳିକା ଓ ବାଳକଙ୍କ ଶିକ୍ଷାବୃଦ୍ଧି ତଥା ବିକାଶ ସମ୍ବନ୍ଧୀୟ ଆଲୋଚନାଚକ୍ର 'ଜାଗୃତି' ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ ଯୋଗଦେଇ ବର୍ତ୍ତମାନ ସମୟରେ ଛାତ୍ରୀଛାତ୍ରଙ୍କ ଶିକ୍ଷାରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅପେକ୍ଷା ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମାୟାଧର ସେଠୀ, ଅତିଥିଭାବେ ଜଙ୍କିଆ ଥାନାଧିକାରୀ ସତ୍ୟବ୍ରତ ଲେଙ୍କା, ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ମାନ୍ଧାତା, ଦୀପକ ଗୁପ୍ତା, ସନ୍ତୋଷ ଗୁପ୍ତା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କରୋନା ଯୋଦ୍ଧାଭାବେ ଖବରଦାତା, ପୋଲିସ କର୍ମଚାରୀ, ଆଶାକର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା। ଚଳିତ ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ବାଙ୍ଗୁର ଶିକ୍ଷା ସଦନର ଛାତ୍ରୀ ମଧୁସ୍ମିତା ଜେନା ଓ ମୋହନ ଲାଲ୍, ବାଳିକା ଉଚ୍ଚ ବିଦ୍ୟାଳୟର ଶୁଭଶ୍ରୀ ସ୍ୱାଇଁଙ୍କୁ ଅନୁଷ୍ଠାନ ପକ୍ଷରୁ ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ପୂରବୀ ଶ୍ରୀଚନ୍ଦନ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ସ୍କୁଲର ଏନ୍‌ସିସି ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

## ୧୦୦ ବରିଷ୍ଠ ନାଗରିକ ନେଲେ ଟିକା

**ଖୋର୍ଦ୍ଧା ଅଫିସ,୧।୩**

ରାଜ୍ୟରେ ସୋମବାର ଠାରୁ ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ ଆରମ୍ଭ ହୋଇଛି। ଏହି ପର୍ଯ୍ୟାୟରେ ବରିଷ୍ଠ ନାଗରିକମାନେ ଟିକା ନେଇଛନ୍ତି। ସୋମବାର ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)ରେ ଟିକାକରଣ ହୋଇଥିଲା। ନାମ ପଞ୍ଜୀକରଣ ପରେ ବରିଷ୍ଠ ନାଗରିକମାନେ ଧାଡିରେ ଆସି ଟିକା ନେଇଥିଲେ। ଖୋର୍ଦ୍ଧା ହସ୍ପିଟାଲରେ ଜିଲାପାଳ ସନତ୍ ମହାନ୍ତି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଦ୍ୱାରିକାନାଥ ଶତପଥୀ, ଜିଲା ସ୍ୱାସ୍ଥ୍ୟଅଧିକାରୀ ଡା.ଜୀବନ୍ତ ଆଚାର୍ଯ୍ୟ, ଡା.ପ୍ରଶାନ୍ତ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଖୋର୍ଦ୍ଧା ହସ୍ପିଟାଲରେ ୪୦, ଜଟଣୀରେ ୬୦ ମୋଟ ୧୦୦ଜଣ ବରିଷ୍ଠ ନାଗରିକଙ୍କୁ ଟିକା ଦିଆଯାଇଥିବା ବେଳେ ଜଣେ ୪୫ବର୍ଷୀୟ ରୋଗଗ୍ରସ୍ତ ବ୍ୟକ୍ତିଙ୍କୁ କୋଭିଡ୍ ଟିକା ଦିଆଯାଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଜିଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଆସନ୍ତା ମାର୍ଚ୍ଚ ୮ ରୁ ବରିଷ୍ଠ ନାଗରିକଙ୍କୁ ଟିକା ଦିଆଯିବ। ୬୦ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ପ୍ରାଥମିକତା ଦିଆଯିବ। ଏଥିସହ ବହୁବିଧ ରୋଗରେ ପୀଡ଼ିତ ଥିବା ୪୫ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ମଧ ଟିକା ନେଇପାରିବେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଜିଲାପାଳ ମହାନ୍ତି କହିଛନ୍ତି, ଟିକାନେବା ଲାଗି ଅନ୍‌ଲାଇନରେ ପଞ୍ଜୀକରଣ କରିବେ। ୬୦ବର୍ଷରୁ ଊର୍ଦ୍ଧ୍ୱ ନାଗରିକ ପ୍ରମାଣପତ୍ର ଆଣିବେ। କୋୱିନ୍ ପୋର୍ଟାଲ ଏବଂ ଆରୋଗ୍ୟ ସେତୁ ଆପ୍‌ରେ ନିଜ ନାମ ପଞ୍ଜୀକରଣ କରିବେ। ମୋବାଇଲରେ ଏକ ସମୟରେ ୪ଜଣଙ୍କ ନାମ ପଞ୍ଜୀକରଣ କରିପାରିବେ। ନାମ ପଞ୍ଜୀକରଣ ପରେ ସେମାନଙ୍କୁ ନିକଟ ଟିକାଦାନ କେନ୍ଦ୍ରରେ ଟିକା ଦିଆଯିବା ନେଇ ମେସେଜ୍ ଦିଆଯିବ। ମେସେଜକୁ ଆଧାର କରି ନିର୍ଦ୍ଧାରିତ ସମୟରେ ସେଠାରେ ଉପସ୍ଥିତ ରହି ଟିକା ନେଇପାରିବେ ବୋଲି କହିଛନ୍ତି।

## ପ୍ରଶାସନର ଅବହେଳା, ସୁଶୀଳା ହନ୍ତସନ୍ତ

**ଜଟଣୀ,୧।୩(ଡି.ଏନ୍.ଏ.)**

- ଫନୀ ପରଠାରୁ ସ୍କୁଲ ବାରଣ୍ଡାରେ ବିତାଉଛନ୍ତି ଜୀବନ
- ଶ୍ରୀଜଗନ୍ନାଥ ଜମି ସାଜିଛି ପ୍ରତିବନ୍ଧକ

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅଧୀନ କୁଶୁମାଟି ପଞ୍ଚାୟତର ୱାର୍ଡ ନଂ.୭ ମହାନ୍ତି ସାହିର ସୁଶୀଳା ବରାଳଙ୍କ ଘର ବାତ୍ୟା 'ଫନୀ'ରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଉକ୍ତ ସମୟରେ ଭଙ୍ଗାଘର ତିଆରି ପାଇଁ ହିତାଧିକାରୀ ଚୟନ କରାଯାଉଥିବା ବେଳେ କେତେଜଣ ପ୍ରଶାସନିକ ଅଧିକାରୀ ଜଗନ୍ନାଥ ମହାପ୍ରଭୁ ବିଜେ ପୁରୀଙ୍କ ନାମରେ ଉକ୍ତ ଜମି ରହିଥିବାରୁ କହି କୌଣସି ଆବାସ ଯୋଜନାରେ ସାମିଲ କରି ନ ଥିଲେ। ଫଳରେ ସୁଶୀଳା ପରିବାର ସହ ଦୀର୍ଘ ୨୨ମାସ ହେବ ଛଣଘର କୁସୁମାଟି ପ୍ରାଥମିକ ସ୍କୁଲ ବାରଣ୍ଡାରେ ଜୀବନ ବିତାଉଛନ୍ତି। ଏନେଇ 'ଧରିତ୍ରୀ'ରେ ଗତ ୫ ତାରିଖରେ ପ୍ରକାଶ ପାଇଥିଲା। ପ୍ରକାଶ ଯେ, ଉକ୍ତ ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ଅନେକ ବିକାଶ କାର୍ଯ୍ୟ ହେଉଥିବା ବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥ ବିଜେ ପୁରୀଙ୍କ ଜମି ପ୍ରତିବନ୍ଧକ ସାଜୁନାହିଁ। ତେବେ ଛଣଘର ମୌଜା ସମେତ ରଥିପୁର, କନ୍ତିଆ, ନିରଞ୍ଜନପୁର, କୁଦିଆରୀ, ବୁଢ଼ାପଡ଼ା ଭଳି ୧୩ଟି ମୌଜାର ଜମିବାଡି ଘରଡ଼ିହ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀଙ୍କ ନାମରେ ରେକର୍ଡ ହୋଇଥିବା ଆଳରେ ପ୍ରଶାସନ ପକ୍ଷରୁ କୌଣସି ଆବାସ ଯୋଜନା କାର୍ଯ୍ୟକାରୀ କରା ନ ଯାଇ ଗରିବ ଲୋକଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରାଯାଉଛି। ଏନେଇ ବିଡିଓ ସରୋଜ କୁମାର ରାଉତ କହିଛନ୍ତି, ଜଗନ୍ନାଥଙ୍କ ଜମିରେ କୌଣସି ସରକାରୀ ଉନ୍ନୟନ କାର୍ଯ୍ୟ କରାଯାଉ ନାହିଁ। କେବଳ ପତିତ, ଅନାବାଦୀ, ଗୋଚର ଏବଂ ପତିତ ଅନାବାଦୀ ଜମିରେ ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଯୋଜନାଗୁଡିକ କାର୍ଯ୍ୟକାରୀ କରାଯାଉଛି। ସୁଶୀଳାଙ୍କ ଭଳି ଆବେଦନ କରିଥିବା ଲୋକଙ୍କ ସମସ୍ୟା ଜାଣିବା ପରେ ସମସ୍ୟାର ସମାଧାନ ନିମନ୍ତେ ପିଡିଡିଆରଡିଏଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଚିଠି କରାଯାଇଛି। ସମସ୍ୟାର ସମାଧାନ ଖୁବ୍‌ଶୀଘ୍ର ହୋଇଯିବ। ଅନ୍ୟପଟେ ଉକ୍ତ ପଞ୍ଚାୟତରେ ୨୦୧୩ରୁ ୨୦୨୦ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ କିମ୍ବା ବିଜୁ ପକ୍କାଘର ଯୋଜନାରେ ଗରିବ ଲୋକଙ୍କୁ ସାମିଲ ନ କରିବା ପାଇଁ କୌଣସି ସରକାରୀ ନିର୍ଦ୍ଦେଶନାମା ଦିଆଯାଇନାହିଁ ବୋଲି ସୂଚନା ଅଧିକାର ଆଇନ ବଳରେ ଜଣାପଡ଼ିଛି। ଅନ୍ୟପଟେ ସୁଶୀଳାଙ୍କ ସମସ୍ୟାର ସମାଧାନ ଖୁବ୍‌ଶୀଘ୍ର ହୋଇଯିବ ବୋଲି ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ କହିଛନ୍ତି।

## ଫାଟକରେ ତାଲା ପକାଇଲେ ସଫେଇ କର୍ମଚାରୀ

**ଜଟଣୀ,୧।୩(ଡି.ଏନ୍.ଏ.)**



ଠିକା ସଫେଇ କର୍ମଚାରୀ ପୌର କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେଇଛନ୍ତି।

ଜଟଣୀ ପୌର ପରିଷଦ ଅଧୀନରେ କାର୍ଯ୍ୟରତ ଠିକା ସଫେଇ କର୍ମଚାରୀମାନେ ବିଭିନ୍ନ ଦାବି ନେଇ ଗତ ୨୫ତାରିଖରୁ ଧାରଣା ଦେଇ କାର୍ଯ୍ୟ ବନ୍ଦ କରିଛନ୍ତି। ଫଳରେ ସହରରେ ଅଳିଆ ଆବର୍ଜନା ଜମି ରହିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ସୋମବାର ସଫେଇ କର୍ମଚାରୀମାନେ ପୌର କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ପୌର ପ୍ରଶାସନ ଏବଂ ସଫେଇ କର୍ମଚାରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲେ ମଧ କୌଣସି ସମାଧାନ ବାହାରି ପାରି ନ ଥିବା ଜଣାପଡ଼ିଛି। ସୂଚନା ମୁତାବକ, ନଭେମ୍ବର ୨୦୨୦ରୁ ଠିକା ସଂସ୍ଥା ଏଲ୍ ଆଣ୍ଡ କେ ଏବଂ ପ୍ରତ୍ୟୁଷ ସର୍ଭିସ ସେମାନଙ୍କ ଅଧୀନରେ କାର୍ଯ୍ୟ କରୁଥିବା ସଫେଇ କର୍ମଚାରୀଙ୍କ ଦରମା, ଇଏସ୍‌ଆଇ, ଇପିଏଫ୍ ଟଙ୍କା ଠିକ୍ ଭାବେ ଦେଇନାହାନ୍ତି। ପୂର୍ବରୁ ପୌରପରିଷଦ ଅଧୀନରେ ୨୨୨ଜଣ ସଫେଇ କର୍ମଚାରୀ କମ କରୁଥିଲେ। ଏବେ ୪୦ଜଣ କର୍ମଚାରୀଙ୍କୁ ଠିକାଦାର ବାଦ ଦେଇଥିବା ବେଳେ ସଫେଇ କର୍ମଚାରୀଙ୍କୁ ଉକ୍ତ ଦୁଇ ଠିକା ସଂସ୍ଥା କୌଣସି ସଫେଇ କର୍ମଚାରୀଙ୍କୁ ସଫେଇ ସୁରକ୍ଷା ଉପକରଣ ଦେଉନାହାନ୍ତି। ଏଲ୍ ଆଣ୍ଡ କେ ସର୍ଭିସ ୬୪ଜଣ ସଫେଇ କର୍ମଚାରୀଙ୍କ ଇଏସ୍‌ଆଇ, ଇପିଏଫ୍ ଏବଂ ଦରମା କାହାର ୭ ଦିନ ତ' ଆଉ କାହାର ୬ ଦିନର ଦେଇନାହାନ୍ତି। ପ୍ରତ୍ୟୁଷ ସର୍ଭିସ ୧୬ଜଣଙ୍କର ଇଏସଆଇ, ଇପିଏଫ୍ ଏବଂ ଦରମା ଦେଇନାହିଁ। ପୂର୍ବରୁ ଠିକାଦରମାନଙ୍କ ମନମୁଖୀ କାର୍ଯ୍ୟ ସମ୍ପର୍କରେ ବିଭାଗୀୟ ଅଧୀକାରୀ, ଜିଲାପାଳ, ଲେବର କମିଶନରଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ ପଦକ୍ଷେପ ନିଆଯାଇ ନାହିଁ। ଏଥିସହ ଠିକା ସଂସ୍ଥାର କର୍ମଚାରୀ ମାରଣ ନୀତି ବିଷୟରେ ଭାରତୀୟ ମଜଦୁର ସଂଘ ପକ୍ଷରୁ ଦୁଇ ଥର ଚିଠି ମାଧ୍ୟମରେ ପୌରପରିଷଦକୁ ଅବଗତ କରାଯାଇଥିଲେ ସମାଧାନ ହୋଇପାରି ନାହିଁ। ୨୨୨ଜଣ ଠିକା ସଫେଇ କର୍ମଚାରୀଙ୍କ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କାମରେ ଯୋଗଦେବେ ନାହିଁ ବୋଲି ମେହେନ୍ତର କର୍ମଚାରୀ ସଂଘର ସଭାପତି ମଞ୍ଜୁ ଦେଈ ଏବଂ ସମ୍ପାଦିକ ମାନସୀ ନାୟକ କହିଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅକ୍ଷୟ



@ ମୁରଲୀଧର



@ ବାଦଲ



@ ପ୍ରଦୀପ



@ ରୋହିତ



@ ଲିଟୁ

## କାର୍‌କୁ ଧକ୍କା ଦେଲା ଟ୍ରକ୍, ୩ ଅଳ୍ପକେ ବର୍ତ୍ତିଲେ

**ନିରାକାରପୁର,୧।୩(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ୧୬ନଂ. ଜାତୀୟ ରାଜପଥ ଗୋଡିପଡ଼ା ଛକରେ ସୋମବାର ଏକ ମାଲବାହୀ ଟ୍ରକ୍ ଧକ୍କାରେ କାର୍ ଚୂରମାର ହୋଇଯାଇଛି। ତେବେ କାର୍‌ରେ ଥିବା ଟାଙ୍ଗୀ ଥାନା କୁହୁଡି ଅଞ୍ଚଳର ମା', ଝିଅ ଓ ଚାଳକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଗାଡ଼ି ନେଇ ଫେରାର ହୋଇଯାଇଛନ୍ତି। ଖବରପାଇ ଜଙ୍କିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

## 'ରବି ନାରାୟଣ ଥିଲେ ଅନନ୍ୟ ବ୍ୟକ୍ତିତ୍ୱ'



ସଭାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ଖୋର୍ଦ୍ଧା ଅଫିସ,୧।୩**

ଖୋର୍ଦ୍ଧାର ବରିଷ୍ଠ ଆଇନଜୀବୀ ତଥା ସାମାଜିକ କର୍ମୀ ରବି ନାରାୟଣ ବର୍ମାଙ୍କ ବିୟୋଗରେ ଖୋର୍ଦ୍ଧା ଓକିଲ ସଂଘ ପକ୍ଷରୁ କୋର୍ଟ ପରିସର ଲାଇବ୍ରେରି କକ୍ଷରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ସୋମବାର ସମସ୍ତ ଆଇନଜୀବୀ କୋର୍ଟ କାର୍ଯ୍ୟରୁ ନିବୃତ୍ତ ରହିଥିଲେ। ସଂଘ ସଭାପତି ଶିଶିର ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ପରିବାର ଅଦାଲତ ଜଜ୍ ସୂର୍ଯ୍ୟ ପ୍ରକାଶ କର, ପ୍ରଥମ ଏଡିଜେ ଦିଲୀପ କୁମାର ବିଶ୍ୱାଳ, ଦ୍ୱିତୀୟ ଏଡିଜେ ଅମିୟ କୁମାର ଜେନା, ସବ୍ ଜଜ୍ ଶ୍ରୀକାନ୍ତ କୁମାର ସାହୁ, ଏସ୍‌ଡିଜେଏମ୍ ସୌଦାମିନୀ ସିଂ, ସିଭିଲ ଜଜ୍ ଜୁନିୟର ଡିଭିଜନ ଜ୍ୟୋତିର୍ମୟୀ ଷଡ଼ଙ୍ଗୀ, ଜେଏମ୍‌ଏଫ୍‌ସି ସ୍ନାତକି ଦାଶ, ସ୍ପେଶାଲ ମାଜିଷ୍ଟ୍ରେଟ ସୁରେନ୍ଦ୍ରନାଥ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ଖୋର୍ଦ୍ଧା ଜିଲା ଗଠନରେ ରବି ନାରାୟଣଙ୍କ ଭୂମିକା ଅତୁଳନୀୟ। ଖୋର୍ଦ୍ଧା ମାଟିରେ ଅର୍ଦ୍ଧଶତାବ୍ଦୀ ଧରି ବିଭିନ୍ନ କ୍ଷେତ୍ରରେ ଅନେକ କାର୍ଯ୍ୟ କରିଛନ୍ତି। ସେ ଜଣେ ଅନନ୍ୟ ବିକ୍ତିତ୍ୱ ଥିଲେ ବୋଲି ମତପ୍ରକାଶ ପାଇଥିଲା। ସଭାରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ଦେବେନ୍ଦ୍ରନାଥ କର, ବିଜୟ ଛୋଟରାୟ, ଶିବସୁନ୍ଦର ପଟ୍ଟନାୟକ, ମନ୍ମଥ ମିଶ୍ର, ହର୍ଷ ପଟ୍ଟନାୟକ, ମାନସ ରଞ୍ଜନ ପଟ୍ଟନାୟକ, ବିନ୍ଦୁ ପଟ୍ଟନାୟକଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ରବି ନାରାୟଣ ବର୍ମା ଖୋର୍ଦ୍ଧା ମାଟିର ଜଣେ ଅନନ୍ୟ ପ୍ରତିଭା ଥିଲେ।